# କୋଇଲା ଉତ୍ପାଦନ, ପ୍ରକଳ୍ପର ସମୀକ୍ଷା

**ତାଳଚେର, ୨୭।୩ (ମନୋଜ ନନ୍ଦ)**

କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ବି. ସାଇରାମ ଶୁକ୍ରବାର ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡକୁ ଗସ୍ତରେ ଆସି କୋଇଲା ଉତ୍ପାଦନ ଓ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଗସ୍ତରେ ସେ ସୁରକ୍ଷା ଓ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏମ୍‌ସିଏଲ୍‌ରେ କୋଇଲା ଉତ୍ପାଦନ, ପ୍ରେରଣ ଏବଂ ଚାଲିଥିବା ଖଣି ପ୍ରକଳ୍ପଗୁଡ଼ିକର ସ୍ଥିତି ଯାଞ୍ଚ କରିବା, କୋଲ ଫିଲ୍ଡସର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଅଧ୍ୟକ୍ଷଙ୍କ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଅଧ୍ୟକ୍ଷ ସାଇରାମ କହିଥିଲେ, ଏମ୍‌ସିଏଲ୍ ସମେତ କୋଲ୍ ଇଣ୍ଡିଆର ସମସ୍ତ ଆନୁଷଙ୍ଗିକ କମ୍ପାନୀ ରାଷ୍ଟ୍ରହିତ ପାଇଁ ସମର୍ପିତ। ସ୍ଥାନୀୟ ଅଞ୍ଚଳରେ ଚାରାରୋପଣ, ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ପ୍ରଦୂଷଣ ନିୟନ୍ତ୍ରଣ ଆଦିକୁ ପ୍ରାଥମିକତା ଦେଇ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ତୁଲାଇବାକୁ ଏହା ବଦ୍ଧପରିକର। ସେହିପରି ଏମ୍‌ସିଏ୍‌ଲ ଅଧ୍ୟକ୍ଷ କାଓଲେ ଏମ୍‌ସିଏଲ୍ ତରଫରୁ ପ୍ରଭାବିତ ଅଞ୍ଚଳ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚିତ କରିଥିଲେ। ଏତଦ୍‌ବ୍ୟତୀତ ଉଭୟ ଅଧିକାରୀ ସ୍ଥାନୀୟ ଲୋକପ୍ରତିନିଧି, ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ୟୁନିଅନର କର୍ମକର୍ତ୍ତାଙ୍କୁ ଭେଟି ଆଲୋଚନା କରିଥିଲେ।

# ବନ୍ଧ କାଟି ପାଣି ନିଷ୍କାସନ, ବ୍ୟାପକ ଫସଲ ନଷ୍ଟ

**ବନ୍ତଲା, ୨୭।୩ (ସୁଶିତ ସାହୁ)**

ଅନୁଗୋଳ ଜିଲା ପୋକତୁଙ୍ଗା ଗାଁମୁଣ୍ଡରେ ଥିବ କୋଳଥିଆ ବନ୍ଧ ହୁଡ଼ାକୁ କେହି କାଟି ଦେଇ ଶୁଖିଲା କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗାଁର ଲମ୍ବୋଦର ଦେହୁରୀ, ଜୟ ମୁଦୁଲି, ତ୍ରିନାଥ ସାହୁ, ବସନ୍ତ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ଗୁରୁବାର ବନ୍ତଲା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି, କୋଳଥିବନ୍ଧ ପଞ୍ଚାୟତ ଅଧୀନରେ ରହିଛି। ଏ ନେଇ ଆଲୋଚନା ପାଇଁ ସରପଞ୍ଚ ସହଯୋଗ ନ କରିବା ଓ ଗାଁ ବୈଠକୁ ଆସୁ ନ ଥିବା ସହ ଫୋନ ମଧ୍ୟ ଉଠାଉ ନାହାନ୍ତି। ପୂର୍ବରୁ ଗାଁରେ ବୈଠକରେ ବନ୍ଧର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଆଲୋଚନା ହୋଇଥିଲ। ମୁଗ, ବିରି, ଚଣା ଭଳି ଫସଲ ଅମଳ ସହ ମେରୁ ଯାତ୍ରା ପରେ ବନ୍ଧକଟାହେବା ନେଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ ନିର୍ଦ୍ଧାରୀତ ସମୟ ପୂର୍ବରୁ ପାଣି କାଟି ଦେଇ ଶତାଧିକ ଚାଷୀଙ୍କ ଫସଲ ନଷ୍ଟ କରାଯାଇଥିବା ଅଭିଯୋଗ କରାଯାଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ଦାବି କରାଯାଇଛି। ଅଭିଯୋଗ ପାଇ ଶୁକ୍ରବାର ବନ୍ତଲା ଥାନା ଅଧିକାରୀ ବିଭୂତି ପ୍ରଧାନ ଗାଁରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ।

ପୂର୍ବପୃଷ୍ଠାର ଅବଶିଷ୍ଟାଂଶ

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୭୨ | ୬୧/୧୬୮ | ୩୨୭/୧୩୮୧ | ଘରବାରି | ୦.୦୨ | ୦.୦୨ | କଜଳୀ ଛିଡିକି, ପି:ରଥି ଛିଡିକି, ଜା:ଭୂୟାଁର, ବା:ନିଜଗାଁ |
| ୭୩ | ୬୧/୧୬୯ | ୩୨୭/୧୩୮୬ | ଘରବାରି | ୦.୦୨ | ୦.୦୨ | ଯମୁନା ପୁରାଲେ, ସ୍ୱା:କର୍ଣ୍ଣ। ପୁରାଲେ, ଜା:ଭୂୟାଁର, ବା:କୁତାବଗା, ଥାନା-ଭଷ୍ମା। |
| ୭୪ | ୬୧/୧୭୦ | ୩୨୭/୧୩୯୧ | ଘରବାରି | ୦.୦୨ | ୦.୦୨ | ଦୁର୍ମିଳା ନାଏକ, ସ୍ୱା:ବାସୁଦେବ ନାଏକ, ଜା:ଭୂୟାଁର, ବା:ଗିରିଙ୍ଗକେଲା, ଥା: ଲେଫ୍ରିପଡା |
| ୭୫ | ୬୧/୧୭୪ | ୩୭୫/୧୩୯୪ | ଗୋଡା ଦୁଇ | ୦.୦୫ | ୦.୦୫ | ନିରୁପମା ନାଏକ, ସ୍ୱା:ଗୌରବ ସାହୁ, ଜା:ଶୁଣ୍ଢି, ବା:କିଞ୍ଜିରକେଲା |
| ୭୬ | ୬୧/୧୭୫ | ୩୭୫/୧୩୯୫ | ଗୋଡା ଦୁଇ | ୦.୦୫ | ୦.୦୫ | ବରୁଣ କୁମାର ନାଏକ, ପି:କିର୍ତ୍ତିରାମ ନାଏକ, ଜା:ଅଘରିଆ, ବା:ତାଲମାଲ, ଥା:ଝାରସୁଗୁଡା |
| ୭୭ | ୬୧/୧୭୬ | ୩୭୫/୧୩୯୬ | ଗୋଡା ଦୁଇ | ୦.୦୫ | ୦.୦୫ | ପ୍ରବୀଣ କୁମାର ନାଏକ, ପି:ବାବୁଲି ନାଏକ, ଜା:ଅଘରିଆ, ବା:ସୁନ୍ଦରଗଡ |
| ୭୮ | ୬୧/୧୭୭ | ୩୭୫/୧୩୯୭ | ଗୋଡା ଦୁଇ | ୦.୦୫ | ୦.୦୫ | ଶେଖର ଚନ୍ଦ୍ର ପଟେଲ, ପି:ଗୋକୁଲାନନ୍ଦ ପଟେଲ, ଜା:ଅଘରିଆ, ବା:ଶଙ୍କରା ସୁନ୍ଦରଗଡ |
| ୭୯ | ୬୧/୧୭୮ | ୩୭୫/୧୩୯୮ | ଗୋଡା ଦୁଇ | ୦.୦୫ | ୦.୦୫ | ପିଙ୍କଲ ପଟେଲ, ପି:ଦିଗାମ୍ବର ପଟେଲ, ଜା:ଅଘରିଆ, ବା:କିଞ୍ଜିରିକେଲା |
| ୮୦ | ୬୧/୧୯୨ | ୫୧୮ | ଘରବାରି | ୦.୩୧ | ୦.୩୧ | ସୁନନ୍ଦା ନାଏକ, ସ୍ୱା:ଅମିୟ ରଞ୍ଜନ ପଟେଲ, ଜା:ଅଘରିଆ, ବା:ଗ୍ରାମ-ଚକ୍ରଧରପୁର, ପୋଷ୍ଟ- ପଟୁଆଡିହି, ଥାନା-ଲେଫ୍ରିପଡା, ଜିଲ୍ଲା-ସୁନ୍ଦରଗଡ଼ |
| | | ୫୪୨ | ଘରବାରି | ୦.୧୨ | ୦.୧୨ | |
| ୮୧ | ୬୧/୧୯୩ | ୩୭୫/୧୪୧୨ | ଗୋଡା ଦୁଇ | ୦.୦୫ | ୦.୦୫ | ଗିରିଶ ଚନ୍ଦ୍ର ପଟେଲ, ପି:ଦୟାନିଧି ପଟେଲ, ଜା:ଅଘରିଆ, ବା:କିଞ୍ଜିରିକେଲା |
| ୮୨ | ୬୧/୨୦୮ | ୩୮୧/୧୪୨୭ | ବାହାଲ ସାଧାରଣ | ୦.୪୦ | ୦.୪୦ | ରାଜେଶ କୁମାର ଚୌଧୁରୀ, ପି:ଅରବିନ୍ଦ ଚୌଧୁରୀ, ଜା: ଅଘରିଆ, ବା: କୁଶରା, ପୋଷ୍ଟ: ବରପାଲି, ଥାନା: ହେମଗିର, ଜିଲ୍ଲା: ସୁନ୍ଦରଗଡ |
| | | ୩୯୬ | ମାଲ ସାଧାରଣ | ୦.୧୪ | ୦.୧୪ | |
| | | ୪୦୪/୧୪୨୮ | ବେର୍ଣ୍ଣା ସାଧାରଣ | ୦.୨୪ | ୦.୨୪ | |
| ୮୩ | ୬୧/୨୧୨ | ୩୮୧/୧୪୫୧ | ବାହାଲ ସାଧାରଣ | ୦.୪୦ | ୦.୪୦ | ସ୍ୱାଗତିକା ଚୌଧୁରୀ, ପି:ମୁକେଶ ଚୌଧୁରୀ, ଜା:ଅଘରିଆ, ବା:କୁଶରା, ପୋଷ୍ଟ- ବରପାଲି, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ଼ |
| | | ୪୦୪/୧୪୪୯ | ବେର୍ଣ୍ଣା ସାଧାରଣ | ୦.୨୪ | ୦.୨୪ | |
| ୮୪ | ୬୧/୨୧୪ | ୩୮୧ | ବାହାଲ ସାଧାରଣ | ୦.୪୧ | ୦.୪୧ | ସୌମ୍ୟାରାଣୀ ଚୌଧୁରୀ, ପି:ସୁକେଶ ଚୌଧୁରୀ, ଜା:ଅଘରିଆ, ବା:କୁଶରା, ପୋଷ୍ଟ:ବରପାଲି, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ଼ |
| | | ୪୦୪ | ବେର୍ଣ୍ଣା ସାଧାରଣ | ୦.୨୩ | ୦.୨୩ | |
| ୮୫ | ୬୧/୨୧୮ | ୩୫୨/୧୪୫୮ | ଗୋଡା ଦୁଇ | ୦.୦୫ | ୦.୦୫ | ସରିତା ପଟେଲ, ସ୍ୱା:ସୁବ୍ରତ କୁମାର ନାଏକ, ଜା:ଅଘରିଆ, ବା:କୁଶରା, ଥାନା:ହେମଗିର, ଜିଲ୍ଲା:ସୁନ୍ଦରଗଡ |
| ୮୬ | ୬୧/୨୧୯ | ୩୫୨/୧୪୫୯ | ଗୋଡା ଦୁଇ | ୦.୦୬ | ୦.୦୬ | ଅନିମେଷ ନାଏକ, ପି:ଉମାକାନ୍ତ ନାଏକ, ଜା:ଅଘରିଆ, ବା:କୁଶରା, ଥା:ହେମଗିର, ଜି:ସୁନ୍ଦରଗଡ, ହା.ବା.ରଖାନାପଡା, କିଞ୍ଜିର୍ମା, ଥାନା-ଭଷ୍ମା, ଜିଲ୍ଲା:ସୁନ୍ଦରଗଡ |
| ୮୭ | ୬୧/୨୨୦ | ୩୫୨/୧୦୧୨ | ଗୋଡା ଦୁଇ | ୦.୦୫ | ୦.୦୫ | ଦିବ୍ୟାଂଶୁ ପଟେଲ, ପି:ସଚିଦାନନ୍ଦ ପଟେଲ, ଜା:ଅଘରିଆ, ବା:କୁଶରା, ଥା:ହେମଗିର, ଜି:ସୁନ୍ଦରଗଡ଼ ହା.ବା. ସୁଲାହି, ଥାନା-ଲଇକେରା, ଜି:ଝାରସୁଗୁଡା |
| ୮୮ | ୬୧/୨୨୨ | ୪୩୨/୧୪୬୧ | ଗୋଡା ଏକ | ୦.୧୦ | ୦.୧୦ | ଅଭିନା ମହାନନ୍ଦିଆ, ସ୍ୱା:ମଧୁସୁଦନ ମହାନନ୍ଦିଆ, ଜା:ଗଣ୍ଡା, ବା:କିରିପିସିରା, ଜିଲ୍ଲା- ସୁନ୍ଦରଗଡ |
| ୮୯ | ୬୧/୨୨୩ | ୩୬୨/୧୪୬୩ | ଘରବାରି | ୦.୦୨ | ୦.୦୨ | ଶ୍ରୀ ରାମକରଣ ରାୟ, ପି:ଉତ୍ତମ ରାୟ, ଜା:ଗଉଡ, ବା:ଗୋପାଳପୁର, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| ୯୦ | ୬୧/୨୨୪ | ୩୬୨/୧୪୬୫ | ଘରବାରି | ୦.୦୨ | ୦.୦୨ | ନିମାଇ ମେହେର, ପି:ନଟ ମେହେର, ଜା:ଭୁଲିଆ, ବା:ଗୋପାଳପୁର, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ଼ |
| ୯୧ | ୬୧/୨୨୫ | ୩୬୨/୧୪୬୭ | ଘରବାରି | ୦.୦୨ | ୦.୦୨ | ଶ୍ରଦ୍ଧାଞ୍ଜଳି ପଟେଲ, ସ୍ୱା:ସୌରଭ ପଟେଲ, ଜା:ଅଘରିଆ, ବା:ଗ୍ରାମ/ପୋଷ୍ଟ-ଝରାକାନୀ, ଥାନା-ଭଷ୍ମା, ଜିଲ୍ଲା-ସୁନ୍ଦରଗଡ଼ |
| ୯୨ | ୬୧/୨୨୬ | ୩୬୨/୧୪୬୯ | ଘରବାରି | ୦.୦୨ | ୦.୦୨ | ଶୁଭମ ପଟେଲ, ପି:ଉପେନ୍ଦ୍ର ପଟେଲ, ଜା:ଅଘରିଆ, ବା:ଝରାକାନି, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| ୯୩ | ୬୧/୨୨୭ | ୩୬୨/୧୪୭୧ | ଘରବାରି | ୦.୦୨ | ୦.୦୨ | ସୌରଭ ସମ୍ପଦ ପାଣ୍ଡେ, ପି:ରାଜ ବିହାରୀ ପାଣ୍ଡେ, ଜା:ଅଘରିଆ, ବା:କିଷାନ ଛକ, ବେହେରାମାଲ, ନିୟର ଶଙ୍କର ହୋଟେଲ, ନିୟର ଶିବ ମନ୍ଦିର, ଥାନା/ଜିଲ୍ଲା-ସୁନ୍ଦରଗଡ |
| ୯୪ | ୬୧/୨୨୮ | ୩୬୨/୧୪୭୩ | ଘରବାରି | ୦.୦୨ | ୦.୦୨ | ମହମ୍ମଦ ଶମଶିର ଆଲମ, ପି:ମହମ୍ମଦ ଶୌକତ, ଜା:ମୁସଲିମ, ବା:ବ୍ରାହ୍ମଣପରା, ସୁନ୍ଦରଗଡ, ଥାନା-ସୁନ୍ଦରଗଡଟାଉନ, ଜିଲ୍ଲା-ସୁନ୍ଦରଗଡ |
| ୯୫ | ୬୧/୨୨୯ | ୩୬୨/୯୩୯ | ଘରବାରି | ୦.୦୨ | ୦.୦୨ | କୃପା କୁଜୁର, ପି:ମାହାଳି କୁଜୁର, ଜା:ଓରାମ, ବା:ଟେଡଗା ମୋହନ, ଥାନା-ସଦର, ସୁନ୍ଦରଗଡ, ଜିଲ୍ଲା-ସୁନ୍ଦରଗଡ |
| ୯୬ | ୬୧/୨୩୦ | ୪୩୨/୧୨୭୫ | ଗୋଡା ଏକ | ୦.୧୪ | ୦.୧୪ | ଅଭିନା ମହାନନ୍ଦିଆ, ସ୍ୱା:ମଧୁସୂଦନ ମହାନନ୍ଦିଆ, ଜା:ଗଣ୍ଡା, ବା:କିରିପିସିରା, ଜିଲ୍ଲା-ସୁନ୍ଦରଗଡ |
| ୯୭ | ୬୧/୨୩୧ | ୨୭୯/୧୪୭୫ | ବେର୍ଣ୍ଣା ସାଧାରଣ | ୦.୦୫ | ୦.୦୫ | ଅମିତ କୁମାର ପଟେଲ, ପି:ଉଦ୍ଧବ ଚନ୍ଦ୍ର ପଟେଲ, ବିଶ୍ୱଜିତ ପଟେଲ, ପି:ମୋତିରାମ ପଟେଲ, ଜା:ଅଘରିଆ, ବା:ରାଇଡିହି, ଥାନା-ଲେଫ୍ରିପଡା, ଜିଲ୍ଲା-ସୁନ୍ଦରଗଡ |
| ୯୮ | ୬୧/୨୩୪ | ୨୭୯/୧୪୭୮ | ଘରବାରି | ୦.୦୫ | ୦.୦୫ | ପ୍ରଦୀପ କୁମାର ଠାକୁର, ପି:ବିନୋଦ ବିହାରୀ ଠାକୁର, ଜା:ମାଲି, ବା:ସର୍ଗିପାଲି, ଥାନା-ଲେଫ୍ରିପଡା, ଜିଲ୍ଲା-ସୁନ୍ଦରଗଡ |
| ୯୯ | ୬୧/୨୩୫ | ୨୭୯/୧୪୭୯ | ଘରବାରି | ୦.୦୫ | ୦.୦୫ | ସୁବ୍ରତ କୁମାର ପାଣ୍ଡେ, ପି:ପ୍ରେମସାଗର ପାଣ୍ଡେ, ଜା:ଅଘରିଆ, ବା:ସର୍ଗିପାଲି, ଥା:ଲେଫ୍ରିପଡା, ଜିଲ୍ଲା:ସୁନ୍ଦରଗଡ |
| ୧୦୦ | ୬୧/୨୩୬ | ୨୭୯/୧୪୮୦ | ବେର୍ଣ୍ଣା ସାଧାରଣ | ୦.୦୬ | ୦.୦୬ | ଆକାଶ ପଟେଲ, ଆଶିଷ ପଟେଲ, ପି:ଜିବଧନ ପଟେଲ, ଜା:ଅଘରିଆ, ବା:କୁଶରା, ଥା:ହେମଗିର, ଜିଲ୍ଲା:ସୁନ୍ଦରଗଡ଼, ସିଜୋଲ ନାଏକ, ପି: ପ୍ୟାରୀଲାଲ ଡି ଏନ ନାଏକ, ଜା:ଅଘରିଆ, ଗ୍ରାମ/ପୋ:ସବଡେଗା, ଥାନା: ତଲସରା, ଜିଲ୍ଲା:ସୁନ୍ଦରଗଡ |
| ୧୦୧ | ୬୧/୨୩୭ | ୨୭୯/୧୪୮୧ | ଘରବାରି | ୦.୦୨ | ୦.୦୨ | ଆକାଶ ପଟେଲ, ଆଶିଷ ପଟେଲ, ପି:ଜିବଧନ ପଟେଲ, ଜା:ଅଘରିଆ, ବା:କୁଶରା, ଥା:ହେମଗିର, ଜିଲ୍ଲା:ସୁନ୍ଦରଗଡ଼ |
| ୧୦୨ | ୬୧/୨୩୮ | ୨୭୯/୧୪୮୨ | ଘରବାରି | ୦.୦୨ | ୦.୦୨ | ଆଶିଷ ପଟେଲ, ପି:ଜିବଧନ ପଟେଲ, ଜା:ଅଘରିଆ, ବା:କୁଶରା, ଥା:ହେମଗିର, ଜିଲ୍ଲା: ସୁନ୍ଦରଗଡ |
| ୧୦୩ | ୬୧/୨୩୯ | ୨୭୯/୧୪୮୩ | ଘରବାରି | ୦.୦୨ | ୦.୦୨ | ସିଜୋଲ ନାଏକ, ପି:ପ୍ୟାରୀଲାଲ ଡି ଏନ ନାଏକ, ଜା:ଅଘରିଆ, ଗ୍ରାମ/ପୋ: ସବଡେଗା, ଥା:ତଲସରା, ଜିଲ୍ଲା:ସୁନ୍ଦରଗଡ |
| ୧୦୪ | ୬୧/୨୩ | ୨୫୬ | ଗୋଡା ଦୁଇ | ୦.୦୭ | ୦.୦୭ | ପ୍ରଭାକର ପଟେଲ, ପି:ଟିକେଶ୍ୱର ପଟେଲ, ଜା: ଆଗ୍ରିଆ, ବା:ବଡବଙ୍ଗା, ଥା:ଲେଫ୍ରିପଡା, ଜିଲ୍ଲା- ସୁନ୍ଦରଗଡ଼ |
| | | ୨୫୭ | ଗୋଡା ଏକ | ୦.୯୪ | ୦.୯୪ | |
| | | ୨୭୯/୯୩୭ | ବେର୍ଣ୍ଣା ସାଧାରଣ | ୦.୪୯ | ୦.୪୯ | |
| | | ୨୭୯/୯୩୮ | ବେର୍ଣ୍ଣା ସାଧାରଣ | ୦.୧୬ | ୦.୧୬ | |
| | | ୨୮୦/୯୪୯ | ମାଲ ସାଧାରଣ | ୦.୧୪ | ୦.୧୪ | |
| | | ୨୯୯ | ମାଲ ସାଧାରଣ | ୦.୧୬ | ୦.୧୬ | |
| | | ୩୦୮ | ଗୋଡା ଏକ | ୦.୩୩ | ୦.୩୩ | |
| | | ୩୦୯ | ଗୋଡା ଏକ | ୦.୦୮ | ୦.୦୮ | |
| | | ୩୧୦ | ମାଲ ସାଧାରଣ | ୦.୦୮ | ୦.୦୮ | |
| | | ୩୧୧/୯୪୮ | ବେର୍ଣ୍ଣା ସାଧାରଣ | ୧.୦୦ | ୧.୦୦ | |
| | | ୩୬୧/୯୫୦ | ମାଲ ସାଧାରଣ | ୦.୩୨ | ୦.୩୨ | |
| | | ୪୨୨ | ମାଲ ସାଧାରଣ | ୦.୧୦ | ୦.୧୦ | |
| | | ୪୨୩/୯୩୦ | ଗୋଡା ଏକ | ୦.୩୬ | ୦.୩୬ | |
| | | ୫୧୧/୯୩୧ | ଗୋଡା ଏକ | ୦.୪୪ | ୦.୪୪ | |
| | | ୫୫୩/୯୫୧ | ମାଲ ସାଧାରଣ | ୦.୩୭ | ୦.୩୭ | |
| | | ୫୫୫/୯୩୨ | ଗୋଡା ଦୁଇ | ୦.୦୮ | ୦.୦୮ | |
| | | ୫୬୦/୯୪୦ | ଘରବାରି | ୦.୧୬ | ୦.୧୬ | |
| ୧୦୪ | ୬୧/୨୩ | ୫୫୫/୧୪୮୮ | ଘରବାରି | ୦.୦୪ | ୦.୦୪ | ପ୍ରଭାକର ପଟେଲ, ପି:ଟିକେଶ୍ୱର ପଟେଲ, ଜା: ଆଗ୍ରିଆ, ବା:ବଡବଙ୍ଗା, ଥା:ଲେଫ୍ରିପଡା |
| | | ୫୫୫/୧୪୮୯ | ଘରବାରି | ୦.୦୧ | ୦.୦୧ | |
| ୧୦୫ | ୬୧/୪୪ | ୯୧ସ୍ମ | ମାଲ ସାଧାରଣ | ୪.୧୫ | ୩.୨୦ | ଜୋସ୍ନା ପଟେଲ, ସବିତା କୁମାର ପଟେଲ, କବିତା କୁମାରୀ ପଟେଲ, ବିନତା ପଟେଲ, ପି:ମନୋରଞ୍ଜନ ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୯୬/୯୮୦ | ମାଲ ସାଧାରଣ | ୨.୪୪ | ୧.୨୫ | |
| | | ୨୭୭ | ଗୋଡା ଏକ | ୦.୨୭ | ୦.୨୭ | |
| ୧୦୬ | ୬୧/୫୪ | ୩୭୩/୮୮୯ | ଗୋଡା ଦୁଇ | ୦.୫୫ | ୦.୫୫ | ପତିବଡେକ ପି:ମଙ୍ଗଲୁ ବଡେକ, ଜା:କିଶାନ, ବା:ନିଜଗାଁ |
| ୧୦୭ | ୬୧/୬୮ | ୫୦୫ | ଗୋଡା ଏକ | ୧.୦୨ | ୧.୦୨ | ରାଜେଶ କୁମାର ଚୌଧୁରୀ, ପି:ଅରବିନ୍ଦ ଚୌଧୁରୀ, ଜା:ଅଘରିଆ, ବା:ନିଜଗାଁ |
| ୧୦୮ | ୬୧/୭୨ | ୩୮୦/୧୦୦୧ | ବାହାଲ ସାଧାରଣ | ୦.୬୦ | ୦.୬୦ | ଅରୁଣ କୁମାର ପଟେଲ, ଦୀପକ କୁମାର ପଟେଲ, ପି:ଦେବାନନ୍ଦ ପଟେଲ, ଜା:ଆଗ୍ରିଆ, ବା:ଡୁମାବାହାଲ, ଥା:ଲେଫ୍ରିପଡା, ଜି:ସୁନ୍ଦରଗଡ |
| ୧୦୯ | ୬୧/୭୩ | ୨୯୦ | ଘରବାରି | ୦.୦୧ | ୦.୦୧ | ନେପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୯୨ | ଘରବାରି | ୦.୦୨ | ୦.୦୨ | |
| | | ୩୪୬/୧୦୨୩ | ଗୋଡା ଦୁଇ | ୦.୧୨ | ୦.୧୨ | |
| | | ୩୪୭/୧୦୦୪ | ମାଲ ସାଧାରଣ | ୦.୦୧ | ୦.୦୧ | |
| | | ୩୫୨ | ଗୋଡା ଦୁଇ | ୦.୦୪ | ୦.୦୪ | |
| | | ୪୧୩/୧୦୦୫ | ବଗାୟତ ଦୁଇ | ୦.୧୪ | ୦.୧୪ | |
| ୧୧୦ | ୬୧/୭୪ | ୨୯୦/୧୦୧୦ | ଘରବାରି | ୦.୦୧ | ୦.୦୧ | ଗୋପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୯୨/୧୦୧୧ | ଘରବାରି | ୦.୦୧ | ୦.୦୧ | |
| | | ୪୧୩/୧୦୧୩ | ବଗାୟତ ଦୁଇ | ୦.୧୪ | ୦.୧୪ | |
| ୧୧୧ | ୬୧/୭୫ | ୨୯୨/୧୦୧୮ | ଘରବାରି | ୦.୦୨ | ୦.୦୨ | ଭୋପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଅଗ୍ରିଆ, ବା:ନିଜଗାଁ |
| | | ୩୫୨/୧୦୧୯ | ଗୋଡା ଦୁଇ | ୦.୦୫ | ୦.୦୫ | |
| | | ୩୫୩ | ଗୋଡା ଦୁଇ | ୦.୧୧ | ୦.୧୧ | |
| | | ୪୧୩/୧୦୨୦ | ବଗାୟତ ଦୁଇ | ୦.୧୫ | ୦.୧୫ | |
| ୧୧୨ | ୬୧/୭୬ | ୩୪୯/୧୦୨୯ | ମାଲ ସାଧାରଣ | ୦.୦୫ | ୦.୦୫ | ଗୋପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଅଗ୍ରିଆ, ବା:ନିଜଗାଁ |
| | | ୩୫୦/୧୦୩୦ | ବେର୍ଣ୍ଣା ସାଧାରଣ | ୦.୧୯ | ୦.୧୯ | |
| ୧୧୩ | ୬୧/୭୬ | ୩୬୧/୧୦୩୧ | ମାଲ ସାଧାରଣ | ୦.୦୭ | ୦.୦୭ | ଗୋପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଅଗ୍ରିଆ, ବା:ନିଜଗାଁ |
| | | ୩୭୫/୧୦୩୨ | ଗୋଡା ଦୁଇ | ୦.୬୮ | ୦.୬୮ | |
| | | ୩୭୬/୧୦୩୩ | ମାଲ ସାଧାରଣ | ୦.୧୦ | ୦.୧୦ | |
| | | ୪୦୬/୧୦୩୪ | ବାହାଲ ସାଧାରଣ | ୧.୦୪ | ୧.୦୪ | |
| | | ୪୧୦/୧୦୩୫ | ବେର୍ଣ୍ଣା ସାଧାରଣ | ୦.୧୬ | ୦.୧୬ | |
| | | ୪୧୪/୧୦୩୬ | ବଗାୟତ ଦୁଇ | ୦.୧୭ | ୦.୧୭ | |
| | | ୪୧୫/୧୦୩୭ | ଗୋଡା ଏକ | ୦.୬୪ | ୦.୬୪ | |
| | | ୪୧୭/୧୦୩୮ | ଗୋଡା ଏକ | ୦.୨୨ | ୦.୨୨ | |
| | | ୪୮୮/୧୦୩୯ | ଗୋଡା ଏକ | ୦.୨୯ | ୦.୨୯ | |
| ୧୧୪ | ୬୧/୭୭ | ୩୪୯/୧୦୫୦ | ମାଲ ସାଧାରଣ | ୦.୦୫ | ୦.୦୫ | ଭୋପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା:ଅଗ୍ରିଆ, ବା:ନିଜଗାଁ |
| | | ୩୫୦/୧୦୫୧ | ବେର୍ଣ୍ଣା ସାଧାରଣ | ୦.୧୯ | ୦.୧୯ | |
| | | ୩୬୧ | ମାଲ ସାଧାରଣ | ୦.୧୧ | ୦.୧୧ | |
| | | ୩୭୩ | ଗୋଡା ଦୁଇ | ୧.୧୧ | ୧.୧୧ | |
| | | ୩୭୪ | ଗୋଡା ଦୁଇ | ୦.୨୦ | ୦.୨୦ | |
| | | ୩୭୫/୧୦୫୨ | ଗୋଡା ଦୁଇ | ୦.୧୫ | ୦.୧୫ | |
| | | ୯୦/୧୦୪୮ | ବେର୍ଣ୍ଣା ସାଧାରଣ | ୦.୮୦ | ୦.୮୦ | |
| | | ୪୦୬/୧୦୫୩ | ବାହାଲ ସାଧାରଣ | ୧.୦୪ | ୧.୦୪ | |
| | | ୪୧୦/୧୦୫୪ | ବେର୍ଣ୍ଣା ସାଧାରଣ | ୦.୧୬ | ୦.୧୬ | |
| | | ୪୧୪/୧୦୫୫ | ବଗାଏତ-୨ | ୦.୧୬ | ୦.୧୬ | |
| | | ୪୧୫/୧୦୫୬ | ଗୋଡା ଏକ | ୦.୩୨ | ୦.୩୨ | |
| | | ୪୧୭/୧୦୫୭ | ଗୋଡା ଏକ | ୦.୧୫ | ୦.୧୫ | |
| | | ୪୮୮/୧୦୫୮ | ଗୋଡା ଏକ | ୦.୩୦ | ୦.୩୦ | |
| ୧୧୫ | ୬୧/୭୮ | ୯୫/୧୦୬୮ | ମାଲ ସାଧାରଣ | ୦.୧୦ | ୦.୧୦ | କ୍ଷେତ୍ରପାଲ ନାଏକ, ପି:ଈଶ୍ୱର ନାଏକ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୨୫୫ | ମାଲ ସାଧାରଣ | ୦.୧୮ | ୦.୧୮ | |
| | | ୨୭୯/୧୦୭୭ | ବେର୍ଣ୍ଣା ସାଧାରଣ | ୦.୩୨ | ୦.୩୨ | |
| | | ୩୦୪/୧୦୭୮ | ଘରବାରି | ୦.୧୧ | ୦.୧୧ | |
| | | ୩୦୬/୧୦୭୯ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | |
| | | ୩୦୬/୧୦୮୦ | ବେର୍ଣ୍ଣା ସାଧାରଣ | ୦.୩୨ | ୦.୩୨ | |
| | | ୩୦୭/୧୦୮୧ | ମାଲ ସାଧାରଣ | ୦.୧୦ | ୦.୧୦ | |
| ୧୧୫ | ୬୧/୭୮ | ୩୬୧/୧୦୮୨ | ମାଲ ସାଧାରଣ | ୦.୦୯ | ୦.୦୯ | କ୍ଷେତ୍ରପାଲ ନାଏକ, ପି:ଈଶ୍ୱର ନାଏକ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୩୬୧/୧୦୮୩ | ମାଲ ସାଧାରଣ | ୦.୧୦ | ୦.୧୦ | |
| | | ୩୬୨/୧୦୮୪ | ଘରବାରି | ୦.୦୫ | ୦.୦୫ | |
| | | ୪୨୩/୧୦୮୫ | ଗୋଡା ଏକ | ୦.୧୦ | ୦.୧୦ | |
| | | ୪୬୬ | ଗୋଡା ଏକ | ୦.୧୬ | ୦.୧୬ | |
| | | ୪୭୨ | ଗୋଡା ଏକ | ୦.୦୮ | ୦.୦୮ | |
| | | ୫୧୧/୧୦୮୬ | ଗୋଡା ଏକ | ୦.୦୭ | ୦.୦୭ | |
| | | ୫୧୩/୧୦୮୭ | ଗୋଡା ଏକ | ୦.୦୭ | ୦.୦୭ | |
| | | ୫୫୪/୧୦୮୮ | ଗୋଡା ଦୁଇ | ୦.୦୩ | ୦.୦୩ | |
| | | ୫୫୫/୧୦୮୯ | ଗୋଡା ଦୁଇ | ୦.୦୪ | ୦.୦୪ | |
| | | ୫୫୫/୧୦୯୦ | ଗୋଡା ଦୁଇ | ୦.୨୩ | ୦.୨୩ | |
| ୧୧୬ | ୬୧/୭୯ | ୯୫/୧୦୯୩ | ମାଲ ସାଧାରଣ | ୦.୧୦ | ୦.୧୦ | ନେତ୍ରପାଲ ନାଏକ, ପି:ଈଶ୍ୱର ନାଏକ, ଜା: ଆଗ୍ରିଆ, ବା:ନିଜଗାଁ |
| | | ୨୭୮/୧୧୦୭ | ମାଲ ସାଧାରଣ | ୦.୦୭ | ୦.୦୭ | |
| | | ୨୭୯/୧୧୦୮ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | |
| | | ୩୦୩/୧୧୦୯ | ଘରବାରି | ୦.୦୪ | ୦.୦୪ | |
| | | ୩୦୪/୧୧୧୦ | ଘରବାରି | ୦.୦୪ | ୦.୦୪ | |
| | | ୩୦୬/୧୧୧୧ | ବେର୍ଣ୍ଣା ସାଧାରଣ | ୦.୧୨ | ୦.୧୨ | |
| | | ୩୦୭/୧୧୬୨ | ମାଲ ସାଧାରଣ | ୦.୨୨ | ୦.୨୨ | |
| | | ୩୧୧/୧୧୧୨ | ବେର୍ଣ୍ଣା ସାଧାରଣ | ୦.୩୩ | ୦.୩୩ | ନେତ୍ରପାଲ ନାଏକ, ପି:ଈଶ୍ୱର ନାଏକ, ଜା: ଆଗ୍ରିଆ, ବା:ନିଜଗାଁ |
| | | ୩୬୧/୧୧୧୩ | ମାଲ ସାଧାରଣ | ୦.୦୭ | ୦.୦୭ | |
| | | ୩୬୧/୧୧୧୪ | ମାଲ ସାଧାରଣ | ୦.୦୭ | ୦.୦୭ | |
| | | ୪୨୩/୧୧୧୬ | ଗୋଡା ଏକ | ୦.୦୮ | ୦.୦୮ | |
| | | ୪୨୩/୧୧୧୭ | ଗୋଡା ଏକ | ୦.୦୬ | ୦.୦୬ | |
| | | ୪୩୧/୧୧୧୮ | ଗୋଡା ଏକ | ୦.୨୦ | ୦.୨୦ | |
| | | ୫୧୧/୧୧୧୯ | ଗୋଡା ଏକ | ୦.୦୭ | ୦.୦୭ | |
| | | ୫୧୩/୧୧୨୦ | ଗୋଡା ଏକ | ୦.୦୭ | ୦.୦୭ | |
| | | ୫୫୪/୧୧୨୧ | ଗୋଡା ଦୁଇ | ୦.୦୩ | ୦.୦୩ | |
| | | ୫୫୫/୧୧୨୨ | ଗୋଡା ଦୁଇ | ୦.୧୪ | ୦.୧୪ | |
| | | ୫୫୫/୧୧୨୩ | ଗୋଡା ଦୁଇ | ୦.୦୭ | ୦.୦୭ | |
| ୧୧୬ | ୬୧/୭୯ | ୫୫୫/୧୧୨୪ | ଗୋଡା ଦୁଇ | ୦.୦୪ | ୦.୦୪ | ନେତ୍ରପାଲ ନାଏକ, ପି:ଈଶ୍ୱର ନାଏକ, ଜା: ଆଗ୍ରିଆ, ବା:ନିଜଗାଁ |
| | | ୨୬୨/୧୧୦୫ | ବାହାଲ ସାଧାରଣ | ୦.୩୦ | ୦.୩୦ | |
| ୧୧୭ | ୬୧/୮୦ | ୨୬୮ସ୍ମ | ବାହାଲ ସାଧାରଣ | ୦.୨୧ | ୦.୧୦୦ | ଚକ୍ରଧର ନାଏକ, ପି:ଦୈତାରୀ ନାଏକ, ଜା:ଆଗ୍ରିଆ, ବା:ନିଜଗାଁ |
| | | ୩୦୪/୧୧୪୨ | ଘରବାରି | ୦.୩୬ | ୦.୩୬ | |
| | | ୩୦୬/୧୧୪୩ | ବେର୍ଣ୍ଣା ସାଧାରଣ | ୦.୪୦ | ୦.୪୦ | |
| | | ୩୧୧ | ବେର୍ଣ୍ଣା ସାଧାରଣ | ୦.୩୬ | ୦.୩୬ | |
| | | ୩୬୧/୧୧୪୪ | ମାଲ ସାଧାରଣ | ୦.୩୨ | ୦.୩୨ | |
| | | ୩୬୧/୧୧୪୫ | ମାଲ ସାଧାରଣ | ୦.୦୫ | ୦.୦୫ | |
| | | ୩୬୨/୧୧୫୩ | ଘରବାରି | ୦.୧୪ | ୦.୧୪ | |
| | | ୩୬୬ | ବାହାଲ ସାଧାରଣ | ୦.୪୩ | ୦.୪୩ | |
| | | ୪୨୩/୧୧୪୬ | ଗୋଡା ଏକ | ୦.୫୦ | ୦.୫୦ | |
| | | ୪୩୧/୧୧୪୭ | ଗୋଡା ଏକ | ୦.୫୮ | ୦.୫୮ | |
| | | ୫୧୧/୧୧୪୮ | ଗୋଡା ଏକ | ୦.୫୦ | ୦.୫୦ | |
| | | ୫୧୩/୧୧୪୯ | ଗୋଡା ଏକ | ୦.୨୧ | ୦.୨୧ | |
| | | ୫୧୩/୧୧୫୦ | ଗୋଡା ଏକ | ୦.୬୨ | ୦.୬୨ | |
| | | ୫୫୩ | ମାଲ ସାଧାରଣ | ୦.୧୩ | ୦.୧୩ | |
| | | ୫୫୫/୧୧୫୧ | ଗୋଡା ଦୁଇ | ୦.୪୩ | ୦.୪୩ | |
| | | ୨୬୨/୧୧୩୯ | ବାହାଲ ସାଧାରଣ | ୦.୩୭ | ୦.୩୭ | |
| ୧୧୮ | ୬୧/୮୫ | ୪୮୦ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | ପୁରନ୍ଦର ବଡାଏକ୍, ପି:ମେଞ୍ଜା ବଡାଏକ୍, ଜା:କିସାନ୍, ବା:ନିଜଗାଁ |
| | | ୪୭୭/୧୧୮୪ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | |
| ୧୧୯ | ୬୧/୮୬ | ୪୮୦/୧୧୯୨ | ବେର୍ଣ୍ଣା ସାଧାରଣ | ୦.୦୯ | ୦.୦୯ | ଅପି ବଡେକ୍, ଚନ୍ଦନ ବଡେକ୍, ପତି ବଡେକ୍, ପି:ମଙ୍ଗଲୁ ବଡେକ୍, ଜା:କିସାନ୍, ବା:ନିଜଗାଁ |
| | | ୫୪୫ | ଘରବାରି | ୦.୦୪ | ୦.୦୪ | |
| ୧୨୦ | ୬୧/୮୭ | ୪୮୦/୧୧୯୯ | ବେର୍ଣ୍ଣା ସାଧାରଣ | ୦.୦୮ | ୦.୦୮ | ମାତୁଆଲ୍ ବଡାଏକ୍, ପି:କାଂଶୁ ବଡାଏକ୍, କସ୍ତୁ ବଡାଏକ୍, ପି:ତିହାରୁ ବଡାଏକ୍, ଜା:କିସାନ, ବା:ନିଜଗାଁ |
| | | ୫୪୪ | ଘରବାରି | ୦.୧୯ | ୦.୧୯ | |
| | | ୪୭୭ | ବେର୍ଣ୍ଣା ସାଧାରଣ | ୦.୧୦ | ୦.୧୦ | |
| ୧୨୧ | ୬୧/୮୮ | ୪୪୪ | ମାଲ ସାଧାରଣ | ୦.୪୬ | ୦.୪୬ | ରିତେଶ ପଟେଲ, ପି:କିଶୋର ଚନ୍ଦ୍ର ପଟେଲ୍, ଜା:ଅଘରିଆ, ବା:ମିସନ ରୋଡ, ସୁନ୍ଦରଗଡ, ବିଭୁଦତ୍ତ ପଣ୍ଡା, ପି:ଗୌରି ଶଙ୍କର ପଣ୍ଡା, ଜା:ବ୍ରାହ୍ମଣ, ବା:ବିଲେଇମୁଣ୍ଡା |
| | | ୪୪୭ | ମାଲ ସାଧାରଣ | ୦.୧୮ | ୦.୧୮ | |
| | | ୪୪୮ | ମାଲ ସାଧାରଣ | ୦.୮୦ | ୦.୮୦ | |
| | | ୪୪୯ | ଗୋଡା ଦୁଇ | ୧.୪୬ | ୧.୪୬ | |
| ୧୨୧ | ୬୧/୮୮ | ୪୫୫ | ଗୋଡା ଏକ | ୦.୦୪ | ୦.୦୪ | ରିତେଶ ପଟେଲ, ପି:କିଶୋର ଚନ୍ଦ୍ର ପଟେଲ୍, ଜା:ଅଘରିଆ, ବା:ମିସନ ରୋଡ, ସୁନ୍ଦରଗଡ, ବିଭୁଦତ୍ତ ପଣ୍ଡା, ପି:ଗୌରି ଶଙ୍କର ପଣ୍ଡା, ଜା:ବ୍ରାହ୍ମଣ, ବା:ବିଲେଇମୁଣ୍ଡା |
| | | ୪୫୬ | ଗୋଡା ଏକ | ୦.୧୮ | ୦.୧୮ | |
| | | ୪୫୭ | ଗୋଡା ଏକ | ୦.୪୯ | ୦.୪୯ | |
| | | ୪୫୮ | ଗୋଡା ଦୁଇ | ୦.୫୪ | ୦.୫୪ | |
| | | ୪୫୯ | ମାଲ ସାଧାରଣ | ୦.୫୫ | ୦.୫୫ | |
| | | ୪୬୧ | ଗୋଡା ଦୁଇ | ୦.୫୪ | ୦.୫୪ | |
| | | ୪୬୪ | ଗୋଡା ଏକ | ୦.୧୧ | ୦.୧୧ | |
| | | ୪୭୦ | ଗୋଡା ଏକ | ୧.୩୪ | ୧.୩୪ | |
| ୧୨୨ | ୬୧/୯୧ | ୩୦୨/୮୯୮ | ରାସ୍ତା | ୦.୦୨ | ୦.୦୨ | ପବିତ୍ର ବାଗ, ପି:ରଘୁନାଥ ବାଗ, ପରକ୍ଷିତ ବାଗ, ପି:ରଘୁନାଥ ବାଗ, ଜା:ଗଉଡ, ବା:ନିଜଗାଁ |
| | | ୩୨୬ | ଘରବାରି | ୦.୦୪ | ୦.୦୪ | |
| | | ୪୦୩ | ମାଲ ସାଧାରଣ | ୦.୨୯ | ୦.୨୯ | |
| | | ୪୧୧ | ମାଲ ସାଧାରଣ | ୦.୨୦ | ୦.୨୦ | |
| ୧୨୩ | ୬୧/୨୫୦ | ୫୬୦/୧୪୯୪ | ଘରବାରି | ୦.୦୩ | ୦.୦୩ | ଭବାନୀ ଶଙ୍କର ନନ୍ଦ, ପି:ଚିନ୍ତାମଣି ନନ୍ଦ, ଜା:ବ୍ରାହ୍ମଣ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| ୧୨୪ | ୬୪ | ୪୭୫ | ଜଙ୍ଗଲ | ୨.୭୧ | ୨.୦୦ | ମାଟୁଆଲ ବଡାଏକ, ପି:କାଂଶୁ ବଡାଏକ, ଜା:କିସାନ, ବା:ନିଜଗାଁ |
| | | ୪୭୯ | ଜଙ୍ଗଲ | ୪.୪୫ | ୩.୭୮ | |
| | | ୪୮୧ | ଜଙ୍ଗଲ | ୧.୯୦ | ୧.୯୦ | |
| ୧୨୫ | ୬୧/୨୪୩ | ୩୪୪ | ମାଲ ସାଧାରଣ | ୦.୫୯ | ୦.୫୯ | କୁମୁଦିନୀ ନାଏକ, ସ୍ୱା:ଚନ୍ଦ୍ରମଣି ନାଏକ, ଜା:ଅଘରିଆ, ବା:ଝରିଆପାଲି, ଥାନା:ଲେଫ୍ରିପଡା, ଜିଲ୍ଲା:ସୁନ୍ଦରଗଡ |
| | | ୩୯୬/୮୯୧ | ମାଲ ସାଧାରଣ | ୦.୩୨ | ୦.୩୨ | |
| | | ୩୯୬/୮୯୨ | ମାଲ ସାଧାରଣ | ୦.୧୪ | ୦.୧୪ | |
| | | ୫୦୯/୮୮୧ | ଗୋଡା ଏକ | ୦.୬୨ | ୦.୬୨ | |
| | | ୮୭୪ | ଗୋଡା ଦୁଇ | ୦.୩୫ | ୦.୩୫ | |
| | | ୪୯୭ | ଗୋଡା ଏକ | ୦.୭୭ | ୦.୭୭ | |
| | | ୫୧୯/୧୪୯୦ | ମାଲ ସାଧାରଣ | ୦.୨୧ | ୦.୨୧ | |
| ୧୨୬ | ୬୧/୨୫୧ | ୪୦୭/୧୪୯୬ | ବେର୍ଣ୍ଣା ସାଧାରଣ | ୦.୦୫ | ୦.୦୫ | ସୁସ୍ମିତା ପଟେଲ, ସ୍ୱା:ସତ୍ୟାନନ୍ଦ ପଟେଲ, ଜା:ଅଘରିଆ, ବା:କୁଶରା, ପୋଷ୍ଟ:ବରପାଲି, ଥାନା:ହେମଗିର, ଜିଲ୍ଲା:ସୁନ୍ଦରଗଡ |
| | | ୪୦୭/୧୪୯୭ | ବାହାଲ ସାଧାରଣ | ୨.୧୨ | ୨.୧୨ | |
| | | ୩୨୮/୧୪୯୫ | ଘରବାରି | ୦.୦୨୫ | ୦.୦୨୫ | |
| ୧୨୭ | ୬୧/୨୫୨ | ୨୭୯/୧୪୮୯ | ବେର୍ଣ୍ଣା ସାଧାରଣ | ୦.୦୨ | ୦.୦୨ | ସୁବ୍ରତ କୁମାର ପାଣ୍ଡେ, ପି:ପ୍ରେମସାଗର ପାଣ୍ଡେ, ଜା:ଅଘରିଆ, ବା:ଗ୍ରାମ/ପୋଷ୍ଟ-ସର୍ଗିପାଲି, ଥାନା-ଲେଫ୍ରିପଡା, ଜିଲ୍ଲା-ସୁନ୍ଦରଗଡ |
| ୧୨୮ | ୬୧/୨୫୩ | ୨୭୯/୧୪୯୯ | ବେର୍ଣ୍ଣା ସାଧାରଣ | ୦.୦୨ | ୦.୦୨ | ପ୍ରଦୀପ କୁମାର ଠାକୁର, ପି:ବିନୋଦ ବିହାରି ଠାକୁର, ଜା:ମାଲି, ବା:ଗ୍ରାମ/ପୋଷ୍ଟ-ସର୍ଗିପାଲି, ଥାନା-ଲେଫ୍ରିପଡା, ଜିଲ୍ଲା-ସୁନ୍ଦରଗଡ |
| ୧୨୯ | ୬୧/୨୫୪ | ୫୫୫/୧୫୦୧ | ଘରବାରି | ୦.୦୨ | ୦.୦୨ | ଜ୍ୟୋଷ୍ଣା ନାଏକ, ସ୍ୱା:ସୁଶାନ୍ତ କୁମାର ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୦୦ | ଗୋଡା ଦୁଇ | ୦.୦୨ | ୦.୦୨ | |
| ୧୩୦ | ୬୧/୨୫୫ | ୫୫୫/୧୫୦୨ | ଗୋଡା ଦୁଇ | ୦.୦୨ | ୦.୦୨ | ନିକିତା ପଟେଲ, ପି:ପ୍ରଶାନ୍ତ କୁମାର ପଟେଲ, ଜା:ଅଘରିଆ, ବା:ଗ୍ରାମ/ପୋଷ୍ଟ- ବଡବଙ୍ଗା, ଥାନା-ଲେଫ୍ରିପଡା, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୦୩ | ଘରବାରି | ୦.୦୨ | ୦.୦୨ | |
| ୧୩୧ | ୬୧/୨୫୬ | ୫୫୫/୧୫୦୪ | ଗୋଡା ଦୁଇ | ୦.୦୨ | ୦.୦୨ | ବୋନିଷ ପଟେଲ, ପି:ସୁଶାନ୍ତ କୁମାର ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୦୫ | ଘରବାରି | ୦.୦୨ | ୦.୦୨ | |
| ୧୩୨ | ୬୧/୨୫୭ | ୫୫୫/୧୫୦୬ | ଗୋଡା ଦୁଇ | ୦.୦୨ | ୦.୦୨ | ସବିତା ପଟେଲ, ପି:ପ୍ରଭାକର ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୦୭ | ଘରବାରି | ୦.୦୨ | ୦.୦୨ | |
| ୧୩୩ | ୬୧/୨୫୮ | ୫୫୫/୧୫୦୮ | ଗୋଡା ଦୁଇ | ୦.୦୨ | ୦.୦୨ | ବିଶାଳ ଚୌଧୁରୀ, ପି:ରବିରତ୍ନ ଚୌଧୁରୀ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୦୯ | ଘରବାରି | ୦.୦୨ | ୦.୦୨ | |
| ୧୩୪ | ୬୧/୨୫୯ | ୫୫୫/୧୫୧୦ | ଘରବାରି | ୦.୦୨ | ୦.୦୨ | ପ୍ରତୀକ ପଟେଲ, ପି:ପ୍ରହଲ୍ଲାଦ ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| ୧୩୫ | ୬୧/୨୬୦ | ୫୫୫/୧୫୧୨ | ଗୋଡା ଦୁଇ | ୦.୦୨ | ୦.୦୨ | ସୁଶାନ୍ତ କୁମାର ପଟେଲ, ପି:ପ୍ରଭାକର ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୧୧ | ଘରବାରି | ୦.୦୩ | ୦.୦୩ | |
| ୧୩୬ | ୬୧/୨୬୧ | ୫୫୫/୧୫୧୩ | ଗୋଡା ଦୁଇ | ୦.୦୨ | ୦.୦୨ | ସବିତା ନାଏକ, ସ୍ୱା:ପ୍ରଶାନ୍ତ କୁମାର ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୧୪ | ଘରବାରି | ୦.୦୨ | ୦.୦୨ | |
| ୧୩୭ | ୬୧/୨୬୨ | ୫୫୫/୧୫୧୫ | ଗୋଡା ଦୁଇ | ୦.୦୨ | ୦.୦୨ | ପ୍ରଶାନ୍ତ କୁମାର ପଟେଲ, ପି:ପ୍ରଭାକର ପଟେଲ, ଜା:ଅଘରିଆ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୧୬ | ଘରବାରି | ୦.୦୨ | ୦.୦୨ | |
| ୧୩୮ | ୬୧/୨୬୪ | ୫୫୫/୧୪୮୭ | ଗୋଡା ଦୁଇ | ୦.୦୨ | ୦.୦୨ | ଲକ୍ଷ୍ମୀକାନ୍ତ ରଣା, ପି-ଅର୍ଜୁନ ରଣା, ଜା:କୁମ୍ଭାର, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| | | ୫୫୫/୧୫୧୮ | ଘରବାରି | ୦.୦୨ | ୦.୦୨ | |
| ୧୩୯ | ୬୧/୨୬୩ | ୫୫୫/୧୫୧୭ | ଘରବାରି | ୦.୦୪ | ୦.୦୪ | ଶୋଭା ଚନ୍ଦ୍ର ନନ୍ଦ, ପି:ଚିନ୍ତାମଣି ନନ୍ଦ, ଜା:ବ୍ରାହ୍ମଣ, ବା:କୁଶରା, ଥାନା-ହେମଗିର, ଜିଲ୍ଲା-ସୁନ୍ଦରଗଡ |
| ମୋଟ ଅର୍ଜନ ରକବା | | | | | ୧୪୨.୬୦ | |

ସ୍ୱା./-
ଅମିନ

ସ୍ୱା./-
ରାଜସ୍ୱ ନିରୀକ୍ଷକ
ଭୂ-ଅର୍ଜନ ଉପବିଭାଗ
ସୁନ୍ଦରଗଡ଼

ସ୍ୱା./-
ଭୂ-ଅର୍ଜନ ଅଧିକାରୀ
ଭୂ-ଅର୍ଜନ ଉପବିଭାଗ
ସୁନ୍ଦରଗଡ

ସ୍ୱା./-
ଜିଲ୍ଲାପାଳ
ସୁନ୍ଦରଗଡ

OIPR-24001/24160/3/25-26/0003

# ୧ରୁ ଭିବି–ଜି ରାମଜି କାର୍ଯ୍ୟକାରୀ ନେଇ ଆଲୋଚନା

**ରସୁଲପୁର, ୨୭।୩(ରଞ୍ଜିତ ରାଉତ)**


ଏମ୍‌ଜିଏନ୍‌ଆର୍‌ଇଜିଏର ବ୍ଲକସ୍ତରୀୟ ଜନଶୁଣାଣିରେ ଯୋଗ ଦେଇଥିବା ଅଧିକାରୀମାନେ।

## ଏମ୍‌ଜିଏନ୍‌ଆର୍‌ଇଜିଏର ବ୍ଲକସ୍ତରୀୟ ଜନଶୁଣାଣି
### ଜିଲାସ୍ତରୀୟ ଅଧିକାରୀ ଯୋଗ ନ ଦେବାରୁ ଅସନ୍ତୋଷ

ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ଗୋଟି ପଞ୍ଚାୟତରେ ୧ ଏପ୍ରିଲରୁ ୩୦ ସେପ୍ଟେମ୍ବର, ୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆର୍‌ଇଜିଏ)ରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ନେଇ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମୀକ୍ଷାର ଶୁଣାଣି ସକାଶେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ସତ୍ୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କଳିଙ୍ଗନଗର ଏଡିଏମ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପୂର୍ବଥର ଭଳି ଏଥର ଜିଲାରୁ କୌଣସି ଅଧିକାରୀ ଶିବିରରେ ଯୋଗ ନ ଦେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଡିଓ ଦାଶ ଶିବିରକୁ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ଯାଜପୁର ଜିଲା ସାମାଜିକ ସମୀକ୍ଷକ ଅମର ସାହୁ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏର ନାମ ପରିବର୍ତ୍ତନ କରାଯାଇ ବିକଶିତ ଭାରତ- ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ(ଗ୍ରାମୀଣ) ଭିବି-ଜି ରାମଜି ରଖାଯାଇଛି ବୋଲି କହିଥିଲେ। ଏହାକୁ ନେଇ ନୂତନ ନିୟମାବଳୀ ପ୍ରସ୍ତୁତ ହୋଇଛି। ଉକ୍ତ ନିୟମାବଳୀକୁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା ଅଧିକାରୀ ଓ ସାମାଜିକ ସମୀକ୍ଷକଙ୍କ ଦକ୍ଷତା ବୃଦ୍ଧି କରିବା ଉପରେ ବିଡିଓ ଗୁରୁତ୍ୱ ଦେଇଥିଲେ। ଚଳିତ ମାସ ଶେଷସୁଧା ଏମ୍‌ଜିଏନ୍‌ଆର୍‌ଇଜିଏରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକୁ ସାରିବା ପାଇଁ ପରାମର୍ଶ ଦେଇଥିଲେ। ୧ ଏପ୍ରିଲରୁ ଭିବି-ଜି ରାମଜି ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ।

ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ସାମାଜିକ ସମୀକ୍ଷା କରାଯାଇ ପ୍ରକଳ୍ପରେ ରହିଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ପ୍ରସ୍ତୁତ କରିଥିବା ରିପୋର୍ଟଗୁଡ଼ିକୁ ବିଡିଓ ଉପସ୍ଥାପନ କରିଥିଲେ। ରିପୋର୍ଟରେ ଆସିଥିବା ତଥ୍ୟ ଆଧାରରେ ସମୀକ୍ଷା କରାଯାଇ ତା'ର ସମାଧାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା କେତେକ ପ୍ରକଳ୍ପରେ ତ୍ରୁଟିବିଚ୍ୟୁତି ରହିଥିବା ନେଇ ଶିବିରରେ ସ୍ପଷ୍ଟ ହୋଇଥିଲା। ଉକ୍ତ ତ୍ରୁଟିରେ ସୁଧାର ଅଣାଯାଇ ଆଗକୁ ଠିକ୍ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏରେ କାର୍ଯ୍ୟକାରୀ ହୋଇଥିବା ଚାରାରୋପଣ ପ୍ରକଳ୍ପଗୁଡ଼ିକ ନୈରାଶ୍ୟଜନକ ରହିଥିଲା। ଅଧିକାଂଶ ପ୍ରକଳ୍ପ ସ୍ଥଳରେ ଲଗାଯାଇଥିବା ଗଛଗୁଡ଼ିକ ମରିଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଘଟୁଛି ବୋଲି ପଞ୍ଚାୟତର ଅଧିକାରୀ ସ୍ପଷ୍ଟ କରିଥିଲେ। ରକ୍ଷଣାବେକ୍ଷଣ ଦିଗରେ ଯୋଜନାରୁଉପଲବ୍ଧ ହେଉଥିବା ମାଟ୍ରିଆଲସ୍ ଅର୍ଥ ମିଳୁ ନ ଥିବାରୁ ରକ୍ଷଣାବେକ୍ଷଣ ହୋଇପାରୁ ନ ଥିବା କୁହାଯାଇଥିଲା। ଏଦିଗରେ ପଦକ୍ଷେପ ନିଆଯିବାକୁ ଶିବିରାର୍ଥୀ ଅଧିକାରୀଙ୍କୁ ଅବଗତ କରାଇଥିଲେ।

ପୂର୍ବ ଶିବିରରେ ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ସମୀକ୍ଷା କରାଯାଇ ଅଣାଯାଇଥିବା ଇସ୍ୟୁ ସମ୍ପର୍କରେ ବିଗତ ୬ମାସ ମଧ୍ୟରେ କ'ଣ ପଦକ୍ଷେପ ନିଆଯାଇଛି ତା'ର ରିପୋର୍ଟ ଉପସ୍ଥାପନ କରିବାକୁ ଦାବି କରାଯାଇଥିଲା। ଆଗାମୀଦିନରେ ଏନେଇ ବ୍ଲକ ସମାଜିକ ସମୀକ୍ଷା କମିଟି ଗଠନ କରାଯିବ। ଶିବିରକୁ ଆସୁଥିବା ସମସ୍ୟାକୁ ନେଇ କମିଟି ତର୍ଜମା କରି ଜଣାଇବ। ପରେ ବ୍ଲକ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଶିବିର ପାଇଁ ମନୋନୀତ ହୋଇଥିବା ଜିଲାସ୍ତରୀୟ ଅଧିକାରୀଙ୍କ ଦସ୍ତଖତ ପରେ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରାଯିବାର ବିଧି ରହିଛି ବୋଲି ଜିଲା ସାମାଜିକ ସମୀକ୍ଷକ ସୂଚନା ଦେଇଥିଲେ। ଉକ୍ତ ରିପୋର୍ଟକୁ ଉପସ୍ଥାପନ କରାଯିବା ନିୟମକୁ ପରବର୍ତ୍ତୀ ଶିବିରରେ କଡ଼ାକଡ଼ି ଭାବରେ ପାଳନ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା। ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନେ ପଞ୍ଚାୟତରେ ସମୀକ୍ଷା କରିବା ସମୟରେ କ'ଣ ଇସ୍ୟୁ ସେମାନଙ୍କର ହସ୍ତଗତ ହେଉଛି, ସମୀକ୍ଷାରେ କର୍ମଚାରୀ ସହଯୋଗ କରୁଛନ୍ତି କି ନାହିଁ, ସେ ସମ୍ପର୍କରେ ବ୍ଲକ ପ୍ରୋଗ୍ରାମ ଅଫିସରଙ୍କୁ ଅବଗତ କରାଯାଉ ନାହିଁ ବୋଲି କହି ବିଡିଓ ବିରକ୍ତି ପ୍ରକାଶ କରିଥିଲେ। ଆଗାମୀ ଦିନରେ ପଞ୍ଚାୟତରୁ ସମୀକ୍ଷା ଶେଷ ହେବା ମାତ୍ରକେ କେଉଁ ପଞ୍ଚାୟତର କ'ଣ ସମସ୍ୟା ରହିଛି ସେ ସମ୍ପର୍କରେ ବିଡିଓଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଏପିଓ ସୁଚିସ୍ମିତା ଜେନା ଧନ୍ୟବାଦ ଦେଇଥିଲେ।

# ପେଟ୍ରୋଲ ପମ୍ପରେ ଅନ୍‌ଲାଇନ ପେମେଣ୍ଟ ବନ୍ଦ



ପେଟ୍ରୋଲ ପମ୍ପରେ ଲଗାଯାଇଥିବା ପୋଷ୍ଟର। ଜଣେ ଗ୍ରାହକ କ୍ୟାଶ୍ ଦେଉଛନ୍ତି।

**ବ୍ୟାସନଗର, ୨୭।୩**
**(ପବିତ୍ର ରଞ୍ଜନ ମହାନ୍ତି)**

■ ଗ୍ରାହକ-କର୍ମଚାରୀଙ୍କ ମଧ୍ୟରେ ଝଗଡ଼ା
■ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ସରକାର ଅନ୍‌ଲାଇନ ଟଙ୍କା କାରବାର ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବ୍ୟାସନଗର ସହରର ମୁଖ୍ୟ ରାସ୍ତାରେ ଥିବା ମିଶ୍ରିଲାଲ ପେଟ୍ରୋଲ ପମ୍ପରେ ଏହାର ଉଲ୍ଲଂଘନ କରାଯାଉଛି। ଏହି ପମ୍ପରେ ୩ ଦିନ ହେବ ପେଟ୍ରୋଲ କିମ୍ବା ଡିଜେଲ ପକାଇଲେ ଅନ୍‌ଲାଇନ ବଦଳରେ କେବଳ କ୍ୟାସ୍ ଦେବାକୁ ପଡୁଛି। ଏନେଇ ଏକ ପୋଷ୍ଟର ଲଗାଯାଇଛି। ଫଳରେ ଗ୍ରାହକ ତେଲ ପକାଇବାପରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କ୍ୟାସ୍ କାରବାରକୁ ନେଇ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ଝଗଡ଼ା ହେଉଛି। କେହି ପଚାରିଲେ ପେଟ୍ରୋଲିୟମ କମ୍ପାନୀ ପକ୍ଷରୁ ଅନ୍‌ଲାଇନ ପେମେଣ୍ଟ ବନ୍ଦ ରହିଥିବା କର୍ମଚାରୀ କହୁଛନ୍ତି। ଏହି ପଟ୍ରୋଲ ପମ୍ପଟି ସହରର ବହୁ ପୁରାତନ ହୋଇଥିବାବେଳେ ଏକ ପ୍ରମୁଖ ସ୍ଥାନରେ ରହିଛି। ଏହି ପମ୍ପରେ ତେଲର ମାନ ଏବଂ ଓଜନ ଠିକ ରହୁଥିବାରୁ ସହରବାସୀଙ୍କ ପ୍ରଥମ ପସନ୍ଦ। ସେଥିପାଇଁ ତେଲ ପକାଇବାକୁ ଏଠାରେ ସବୁବେଳେ ଭିଡ଼ ରହିଥାଏ। ଏସମ୍ପର୍କରେ ମିଶ୍ରିଲାଲ କମ୍ପାନୀର ମ୍ୟାନେଜର ପ୍ରବୀଣ କୁମାର ସାଇଙ୍କୁ ପଚାରିବାରେ ସେ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଏହି ପେଟ୍ରୋଲ ପମ୍ପରେ ଯଥାଶୀଘ୍ର ଅନ୍‌ଲାଇନ ପେମେଣ୍ଟ ଚାଲୁ କରିବା ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ବ୍ୟାସନଗର ମହାବିଦ୍ୟାଳୟରେ ଶ୍ରୀରାମ ନବମୀ

**ବ୍ୟାସନଗର, ୨୭।୩**
**(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ନିତ୍ୟଯୋଗ କକ୍ଷରେ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ପତଞ୍ଜଳି ପରିବାର ଭାରତ ସ୍ୱାଭିମାନନ୍ୟାସର ଯାଜପୁର ଜିଲା ଶାଖା ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆଦର୍ଶ ଯୋଗକକ୍ଷର ବରିଷ୍ଠ ଯୋଗ ଶିକ୍ଷକ ବଟକୃଷ୍ଣ ପ୍ରଧାନ, ଭାରତ ସ୍ୱାଭିମାନ ନ୍ୟାସର ଯାଜପୁର ଜିଲା ପ୍ରଭାରୀ ବିବେକାନନ୍ଦ ଜେନା, ସହପ୍ରଭାରୀ ବିଭୀଷଣ ନାୟକ, କୋଷାଧ୍ୟକ୍ଷ ମହେଶ୍ୱର ପ୍ରଧାନ, ତହସିଲ ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସହ ପ୍ରଭାରୀ ସମରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି କହିଥିଲେ। ବରିଷ୍ଠ ଯୋଗୀ ସୌରଭମୟ ଦାସ, ପ୍ରାଧ୍ୟାପିକା ପୁନପୁନ ଦାଶ, ପ୍ରାଧ୍ୟାପକ କାମଦେବ ଦାସ, ସୁବ୍ରତ ଜେନା, ତାପସ ଚୌଧୁରୀ, ବସନ୍ତ ଚୌଧୁରୀ, ରାସବିହାରୀ ପାତ୍ର, ଜ୍ଞାନରଞ୍ଜନ ରାଉତ, ବରିଷ୍ଠ ଯୋଗିନୀ ପ୍ରମୋଦିନୀ ଦାସ, ସୁମିତା ଚୌଧୁରୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଏକ ନବକୁଣ୍ଡୀୟ ମହାଯଜ୍ଞ ଆୟୋଜନ କରାଯାଇଥିଲା। ଦେବେନ୍ଦ୍ରନାଥ ପାଣିଗ୍ରାହୀ ମହାଯଜ୍ଞର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ରାଜେଶ ପତି, ଅଜୟ ଦାସ, ଦିଲୀପ ଦଳାଇ, ରଶ୍ମିରଞ୍ଜନ ରାଉତ, ଶ୍ରୀଧର ବେହେରା, ନରେନ୍ଦ୍ର ଦାଶ, ବିଜୟ ନାଥଶର୍ମା, ଅଲେଖ ଜେନା, ଇନ୍ଦିରା ଜେନା, ସୁରେନ୍ଦ୍ର ନାୟକ, ନୃପମଣି ସାହୁ ଓ ଇନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଯାଜପୁରଟାଉନ, ୨୭।୩**
**(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଏପ୍ରିଲ ୧ରେ ଯାଜପୁର ଜିଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଯାଜପୁର ଜିଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓଡ଼ିଶା ଦିବସ ପାଳନର କାର୍ଯ୍ୟ ଖସଡା ପାଠ କରିଥିଲେ। ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଉତ୍ସବ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଦିବସ ଅବସରରେ ପ୍ରତ୍ୟୁଷରେ ଉତ୍କଳ ବନ୍ଦନା ଗାନ, ପ୍ରଭାତ ଫେରି, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ହସ୍ପିଟାଲରେ ରୋଗୀ, ବାଳାଶ୍ରମ ଏବଂ କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ, କାର୍ଯ୍ୟାଳୟରେ ଆଲୋକ ସଜ୍ଜା, ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ସ୍କୁଲ ଏବଂ କଲେଜସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଏପ୍ରିଲ ୧ରୁ ୧୪ ତାରିଖ ଯାଏ ଜିଲାରେ ଓଡ଼ିଆ ପକ୍ଷ ପାଳିତ ହେବାକୁ ଯାଉଛି। ଏହି ଦିନଗୁଡ଼ିକରେ ପାରମ୍ପରିକ ପୋଷାକ ପରିଧାନ, ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାର, ଓଡ଼ିଶା ଇତିହାସ ସମ୍ବନ୍ଧୀୟ ଆଲୋଚନାଚକ୍ର ଏବଂ କୁଇଜ, ସ୍ୱଚ୍ଛତା ଅଭିଯାନ, ଓଡ଼ିଆରେ ନାମଫଳକ ଅଭିଯାନ, ଯୁବ ଲେଖକ ସମ୍ମିଳନୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ଡିଜିଟାଲ ଜନଗଣନା ପାଇଁ ପ୍ରଶିକ୍ଷଣ


ଡିଜିଟାଲ ଜନଗଣନା ପାଇଁ ପ୍ରଶିକ୍ଷଣ ନେଉଥିବା ଶିବିରାର୍ଥୀ।

**ରସୁଲପୁର, ୨୭।୩(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ କଳଣସ୍ଥିତ ରସୁଲପୁର ଆଦର୍ଶ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଡିଜିଟାଲ ଜନଗଣନା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ଚଳିତଥର ସମଗ୍ର ଭାରତ ବର୍ଷରେ ପ୍ରଥମ ଥର ପାଇଁ ଡିଜିଟାଲ ଜନଗଣନା କରାଯିବ। ଏଦିଗରେ ସୁପରଭାଇଜର, ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଜନଗଣନା କାର୍ଯ୍ୟକୁ ସୁପରିଚାଳନା ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗଣନାକାରୀ ଭାବରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ଶିବିରରେ ସେନସସ ଅଫିସର ଭାବେ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଆପ୍ ମାଧ୍ୟମରେ କିପରି ଜନସାଧାରଣଙ୍କ ତଥ୍ୟ ରେକର୍ଡ କରାଯିବ ଓ ଠିକ ତଥ୍ୟ ସଂଗ୍ରହ କରାଯିବ ସେ ସମ୍ପର୍କରେ ତହସିଲଦାର ଶିବିରାର୍ଥୀଙ୍କୁ ବୁଝାଇଥିଲେ। ଚିନ୍ମୟ ପାତ୍ର, ଦିବାକର ସାହୁ, ଗିରିଜା ଶଙ୍କର ଆଚାର୍ଯ୍ୟ ଓ ଶ୍ରୀଦୀପ୍ତ ସାହୁ ପ୍ରମୁଖ ସମ୍ବଳ ଅଧିକାରୀ ଭାବରେ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିର ୧୨ ଦିନ ଧରି ଚାଲିବ ବୋଲି ଜଣାପଡିଛି। ଗୋଟିଏ ବ୍ୟାଚରେ ୪୨ ଜଣ ପ୍ରଶିକ୍ଷାର୍ଥୀ ୩ ଦିନ ଲେଖାଏ ପ୍ରଶିକ୍ଷଣନେବେ। ଏହିପରିଭାବେ ୪ବ୍ୟାଚ୍‌ରେ ୧୨ଦିନ ପ୍ରଶିକ୍ଷଣ ଶିବିର ଚାଲିବ। ପ୍ରଶିକ୍ଷଣ ସରିବା ପରେ ଏପ୍ରିଲ ୧୬ରୁମେ' ୧୬ଯାଏ ଗୃହଗଣନା କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୭ ମାର୍ଚ୍ଚରେ ଡିଜିଟାଲ ଜନଗଣନା ଆରମ୍ଭ ହୋଇ ସେହି ବର୍ଷ ଶେଷ ହେବ ବୋଲି ତହସିଲଦାର ବେହେରା ସୂଚନା ଦେଇଥିଲେ।

# କାଦୁଅମାଗୁରାରେ ରାମନବମୀ



**ଚଢ଼େଇଧରା, ୨୭।୩(ଦିଳୀପ ପରିଡ଼ା)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଦୁଅମାଗୁରାସ୍ଥିତ ରାମ ମନ୍ଦିରରେ ରାମନବମୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଥମେ ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ପ୍ରଭୁ ରାମଚନ୍ଦ୍ରଙ୍କ ପୂଜା ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ହିମାଂଶୁ ଶେଖର ସ୍ୱାଇଁ କାର୍ଯ୍ୟ ତୁଲାଇଥିଲେ। ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ଭଜନ କୀର୍ତ୍ତନରେ କାଦୁଅମାଗୁରା ଗ୍ରାମ ଉତ୍ସବ ମୁଖରିତ ହୋଇଥିଲା। ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାଦୁଅମାଗୁରା ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିଲା।

# ହନୁମାନଙ୍କ ବିଶ୍ୱଶାନ୍ତି ମହାଯଜ୍ଞ


ହନୁମାନ ଯଜ୍ଞରେ ସାମିଲ ହୋଇଥିବା ପୂଜକ ଓ କର୍ମକର୍ତ୍ତା।

**ବ୍ୟାସନଗର, ୨୭।୩**
**(ପବିତ୍ର ରଞ୍ଜନ ମହାନ୍ତି)**

କୋରେଇ ନିର୍ବାଚନମଣ୍ଡଳୀ ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତ ରାଉତରପୁର ଗ୍ରାମରେ ଥିବା ପ୍ରଭୁ ସଂକଟମୋଚନ ହନୁମାନଙ୍କ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ମହାଯଜ୍ଞ ଦୁଇଦିନ ଧରି ଚାଲିଥିଲା। ଗୁରୁବାର ସକାଳେ ଶୁଭାଧିବାସ, ଅଙ୍କୁରାରୋପଣ, କାୟାଶୁଦ୍ଧି, ଜଳଯାତ୍ରା, କଳସଯାତ୍ରା ଆଦି ପ୍ରଭୁକାର୍ଯ୍ୟ ହୋଇଥିଲା। ଶୁକ୍ରବାର ରାମନବମୀ ଦିନ ସୂର୍ଯ୍ୟପୂଜା, ୧୦୮ ହନୁମାନ ଚାଳିଶା ପଠନ, ଚଳନ୍ତି ପ୍ରତିମା ଗ୍ରାମ ପରିକ୍ରମା ସହ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା। ନାମ ସଂକୀର୍ତ୍ତନ, ଭଜନ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଞ୍ଚଳର ଯୋଗଦେଇ ହନୁମାନଙ୍କ ଆଶୀର୍ବାଦ ଲାଭ କରିଥିଲେ। ମହାଯଜ୍ଞରେ କର୍ତ୍ତାଭାବେ ପ୍ରଭାତ ପଣ୍ଡା ଓ ସ୍ମରଣିକା ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ପାର୍ଶ୍ୱ କଳସରେ ଶ୍ରୀକାନ୍ତ ବ୍ରହ୍ମ, ଅଜିତ ଘଡାଇ, ପ୍ରଦୀପ ଘଡାଇ, ମଦନ ସାମଲ, ଅଖିଳ ଦଳାଇ, ଦିଲୀପ ଦଳାଇ, ସଞ୍ଜୟ ଦଳାଇ, ଚାଇଁନ ଦଳାଇ, ଧନମଣି ସାମଲ, ଅନିଲ ସାମଲ, ଅର୍ଜୁନ ସାହୁ, କୃଷ୍ଣ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନା ହୋଇଥିବାରୁ ହନୁମାନ ବିଶ୍ୱଶାନ୍ତି ମହାଯଜ୍ଞର କର୍ମକର୍ତ୍ତା ରାଉତରାପୁର ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଆଦର୍ଶ କୃଷକଙ୍କ ପରଲୋକ

**ବରୀ, ୨୭।୩(ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତ ଝିଅସାହି ଗ୍ରାମର ଆଦର୍ଶ କୃଷକ ଘନଶ୍ୟାମ ସାମଲଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ସେ ଜଣେ ସଫଳ ଚାଷୀ ଓ କୀର୍ତ୍ତନ ଗାୟକ ହିସାବରେ ବରୀ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀର ଝିଅସାହିସ୍ଥିତ ବାସ ଭବନରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ କରୁଣାକର ସାମଲ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲୀପ ମହାନ୍ତି, ବିଜେଡି ବ୍ଲକ୍ ସଭାପତି କେଦାର ସାମଲ, ପ୍ରସନ୍ନ ସାମଲ, ସରପଞ୍ଚ ଚପଳା ମଲ୍ଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।


ଘନଶ୍ୟାମ ସାମଲ।

# ଯାଜପୁର ବ୍ଲକର ୧୦ ସରପଞ୍ଚ ଜିଲାସ୍ତରରେ ସମ୍ମାନିତ

**ଯାଜପୁର ସଦର, ୨୭।୩**
**(ସମର ବିଜୟ ଶରଣ)**

୨୦୩୦ ସୁଦ୍ଧା ଭାରତକୁ ଯକ୍ଷ୍ମା ରୋଗମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପଞ୍ଚାୟତସ୍ତରରେ ଜନସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି। ଏହିକ୍ରମରେ ଯକ୍ଷ୍ମା ନିରାକରଣ ନିମନ୍ତେ ଉନ୍ନତ କାର୍ଯ୍ୟ କରିଥିବା ସରପଞ୍ଚ ଓ ଆଶାଙ୍କୁ ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଜିଲାସ୍ତରୀୟ ସମ୍ମିଳନୀରେ ସମ୍ମାନିତ କରାଯାଇଛି। ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱଯକ୍ଷ୍ମା ଦିବସ ପାଳନ ଅବସରରେ ଯାଜପୁର ବ୍ଲକର ୧୦ ସରପଞ୍ଚ ନିଜ ନିଜର ପଞ୍ଚାୟତରେ ଯକ୍ଷ୍ମା ନିରାକରଣ ପାଇଁ ଜନସଚେତନତା ସୃଷ୍ଟି କରିବା, ଯକ୍ଷ୍ମାରୋଗୀ ଚିହ୍ନଟ, ଚିକିତ୍ସା ପ୍ରଦାନ, ଆକ୍ରାନ୍ତଙ୍କୁ ରୋଗ ଓ ତାର ଚିକିତ୍ସା ଆଦି ସମ୍ପର୍କରେ ଅବଗତ କରି ସଫଳ ହୋଇଥିବାରୁ ସମ୍ମାନିତ ହୋଇଛନ୍ତି। ଜିଲାପାଳ ଅମ୍ବର କୁମାର କର ସେମାନଙ୍କୁ ସମ୍ମାନିତ କରିଥିଲେ। ପୁରସ୍କୃତ ସରପଞ୍ଚ ହେଲେ ସୁଜନପୁର ପଞ୍ଚାୟତର ବିଷ୍ଣୁପ୍ରିୟା ମହାକୁଡ଼, ବରୁଆଁର ଅନାହାର ବାନୋ, ବଡ଼ସୁଆରର ଅନୁପମା ବିଶ୍ୱାଳ, ଭୁବନେଶ୍ୱରପୁରର ମାନଦୀପା ରାୟ, ଭୂଇଁପୁରର ଲିଜାରାଣୀ ସେଠୀ, ବେରୁଦାର ତାରାକାନ୍ତ ପଣ୍ଡା, ଛତିଶଦେବିଲର ବେବିନା ମଲ୍ଲିକ, ମଳଆନନ୍ଦପୁରର ପର୍ଶୁରାମ ଦଳେଇ, ନାଥସାହିର ସସ୍ମିତା ପହି ଓ ଜାଫରପୁରର ମାନିନୀ ବେହେରା ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ ସାହୁଙ୍କ ସମେତ ଜିଲାସ୍ତରୀୟ ପଦାଧିକାରୀ ଯୋଗ ଦେଇଥିଲେ।


ଅଧିକାରୀଙ୍କ ଗହଣରେ ସମ୍ମାନିତ ହୋଇଥିବା ସରପଞ୍ଚମାନେ।

# ମର୍ଜିତାପୁର ଗ୍ରାମରେ ମା' ହିଙ୍ଗୁଳାଙ୍କ ଯଜ୍ଞ ଆରମ୍ଭ

**ଜେନାପୁର, ୨୭।୩(ଅଶୋକ ଦାସ)**

ଧର୍ମଶାଳା ବ୍ଲକ୍‌ଅନ୍ତର୍ଗତ ମର୍ଜିତାପୁର ଗ୍ରାମରେ ଶୁକ୍ରବାର ଶ୍ରୀରାମ ନବମୀ ତିଥିରେ ଶ୍ରୀଶ୍ରୀ ମହାମାୟୀ ମା' ହିଙ୍ଗୁଳା ଦେବୀଙ୍କ ୬୦ତମ ବାର୍ଷିକ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ସକାଳେ କର୍ତ୍ତା ଅଞ୍ଜନ ମିଶ୍ର, ସହକର୍ତ୍ତା ଚନ୍ଦନ ଦାଶ ଓ କଳସଧାରୀ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳକଳସ ଆଣି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ସ୍ଥାନୀୟ ମହିଳା ସଙ୍କୀର୍ତ୍ତନ ଦଳ, ଘଣ୍ଟୁଆ ମହୁରୀ ବାଦ୍ୟ ସହ ଗ୍ରାମର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଯଜ୍ଞ ଉତ୍ସବ ୫ଦିନ ଧରି ପାଳନ କରାଯିବ। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯାତ୍ରା ପରିବେଷଣ କରାଯିବ। ହିଙ୍ଗୁଳା କମିଟି ସଭାପତିଙ୍କ ତତ୍ତ୍ୱାବଧାନରେ ୯ ପଞ୍ଚାୟତର ଗ୍ରାମବାସୀ ଏଥିରେ ସହଯୋଗ କରୁଥିବା ସୂଚନା ମିଳିଛି।



# ଧର୍ମପରାୟଣା ମହିଳାଙ୍କ ପରଲୋକ


ଅନୁପମା ଜେନା।

**ବରୀ, ୨୭।୩(ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ଅଭିମନ୍ୟୁ ବାଲିଆ ଗ୍ରାମର ଧର୍ମପରାୟଣ ମହିଳା ଅନୁପମା ଜେନାଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀର ବାସଭବନରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଜୀବନେନ୍ଦୁ ଜେନା ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟବେଳେ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଉପସ୍ଥିତଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭାଜପା ମୁଖପାତ୍ର ମନୋଜ ମହାପାତ୍ର, ଜଗା ଶିଶୁ ସାହିତ୍ୟ ସଂସଦ ସଭାପତି ଅଜୟ ଜେନା, ବିଧାଶ୍ୱ ସଭାପତି ଶରତ ଜେନା ଓ ଖବରଦାତା ଚୈତନ୍ୟ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଲୁଣାନଦୀର ଜଳସ୍ତର କମୁଛି

**କେନ୍ଦ୍ରାପଡ଼ା, ୨୭।୩ (ଜଗନ୍ନାଥ ଧଳ)**


ଲୁଣା ନଦୀ ଶୁଖିଲା ପଡିଛି।

■ଆଗକୁ ପଡ଼ିଆ ପଡ଼ିବ ଜମି, ମିଳିବନି ପାଣି
■ନଦୀର ଗତିପଥ ପରିବର୍ତ୍ତନ ହେଉଛି
■ସହରର ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ଆଶଙ୍କା

ଡିସେମ୍ବର ମାସଠାରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣାନଦୀର ଜଳସ୍ତର କମିବାରେ ଲାଗିଛି । ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ପିଇବା ପାଣି ସମସ୍ୟା ଦେଖାଦେବା ସହ ଅବବାହିକାରେ ଥିବା ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ଦେଖାଦେଇଛି । ଲୁଣାନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲାରେ ପ୍ରବାହିତ ନଦୀଗୁଡିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା ସହରସ୍ଥ ଖଡ଼ିଅଙ୍ଗର କ୍ଷିତୀଶ କୁମାର ସିଂହ କହିଛନ୍ତି, ସହରକୁ ଜଳ ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣାନଦୀର କଳପଡ଼ାଠାରୁ ପାଣି ଉଠାଯାଉଛି । ତେବେ ଜାନୁଆରୀରୁ ନଦୀର ପମ୍ପ ହାଉସ୍ ପାଖ ଶୁଖିଲା ପଡିଛି । ଏଥିପାଇଁ ୭୦୦ ମିଟର ଦୂରରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣାଯାଉଥିଲା । ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି । ଏପରି ସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ। ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଢ଼ାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ ଓ ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ୍ ହୋଇଛି । ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା । ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡିଆ ପଡିବ ବୋଲି ଆକଳନ କରାଯାଉଛି । ଏ ସମ୍ପର୍କରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି। ନଦୀର ଲମ୍ବ ୭୩ କି.ମି.ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା । ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ଓ ଜଳଧାରର କ୍ଷମତାରେ ପରିବର୍ତ୍ତନ ହୋଇଛି । ଏହି ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୫,୮୫୦ ହେକ୍ଟର ଚାଷ ଜମିରେ ଉଦ୍‌ବୃତ୍ତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷଜମି ଲୁଣା । ଏଥିସହ ବର୍ଷାଦିନେ ୩୪,୯୫୨ ହେକ୍ଟର ଜମିରେ ବନ୍ୟାଜଳ ମାଡିଯାଉଛି । ଜିଲାର ୮୪,୯୧୦ ହେକ୍ଟର ଜମିକୁ ପାଣି ଯାଉ ନ ଥିବାରୁ ଏକ ପ୍ରକାର ଅଘୋଷିତ ମରୁଡ଼ି ଅଞ୍ଚଳ ଭାବେ ପରିଗଣିତ ହେଉଛି। ନଦୀ ଓ ମୁଖ୍ୟ କେନାଲଗୁଡିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ । ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣା ନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ ଆଖୁ ପରି ଅର୍ଥକରୀ ଫସଲ, ପନିପରିବା ଚାଷ ହେଉଥିଲା । ଗତ କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରି ସ୍ଥିତି ଉପୁଜିଛି ବୋଲି ସେ ମତ ଦେଇଛନ୍ତି। କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି। ଏହି ନଦୀଗୁଡିକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା । ଏନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି । ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ କହିଛନ୍ତି, ଏହି ନଦୀର ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପର ପ୍ରୟାସ ଜାରି ରହିଛି ।

## ଧର୍ମରକ୍ଷା ସେନା ପକ୍ଷରୁ ବିଶାଳ ଶୋଭାଯାତ୍ରା


ଧର୍ମରକ୍ଷା ସମିତି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

**ଆଳି, ୨୭।୩(ବନମାଳୀ ସେନାପତି)**

ରାମନବମୀ ନିମନ୍ତେ ଶୁକ୍ରବାର ସାରା ଭାରତ ବର୍ଷ ଉତ୍ସବମୁଖର ହୋଇପଡିଛି । ଗାଁଠୁ ସହର ସବୁଠି ରାମମୟ ପରିବେଶ ସୃଷ୍ଟି ହୋଇଛି । ଏହି ଅବସରରେ କେନ୍ଦ୍ରାପଡା ଜିଲା ଆଳି ଧର୍ମରକ୍ଷା ସେନା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କରାଯାଇଛି । ଏହି ସଂଗଠନ ପକ୍ଷରୁ ଶୋଭାଯାତ୍ରାଟି ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ନିକଟରୁ ବାହାରି ବାଳକାଟି ନିକଟ ଗଡ଼ଗଡି ସେତୁ ନିକଟରେ ପହଞ୍ଚିଥିଲା । ପୁନର୍ବାର ଏହି ଶୋଭାଯାତ୍ରା ବାଳକାଟି ଗଡ଼ଗଡି ସେତୁ ନିକଟରୁ ବାହାରି ଆଳି ନୂଆବଜାର, ଚଣ୍ଡିଆଗଡି ଓ ସିଙ୍ଗିରି ଅତିକ୍ରମ କରି ପତ୍ରପୁର ସେତୁ ନିକଟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଆଳି ଅଞ୍ଚଳର ଶତାଧିକ ଯୁବକ ସାମିଲ ହୋଇଥିଲେ । ସେହିପରି ଆଳି ଧୋୟାଞ୍ଚଳରେ ମଧ୍ୟ ଶୋଭାଯାତ୍ରା କରାଯାଇଥିଲା । ମାଣିକପାଟଣା ଗ୍ରାମରେ ଥିବା ରାମମନ୍ଦିରରେ ପ୍ରଭୁ ରାମଚନ୍ଦ୍ରଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଶୋଭାଯାତ୍ରାରେ ଆଳି ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଅନନ୍ତ ରଥ, ଧର୍ମରକ୍ଷା ସେନା ସଭାପତି କଳିଙ୍ଗ ସେନାପତିଙ୍କ ସହ ଶତାଧିକ ଯୁବକ ସାମିଲ ହୋଇ ରାମମୟ ପରିବେଶ ସୃଷ୍ଟି କରିଥିଲେ ।

## ଚାନ୍ଦୋଳରେ ବାସନ୍ତିକ ଦୁର୍ଗାପୂଜା

**ଡେରାବିଶ, ୨୭।୩(ବେବର୍ତ୍ତା ଅଜୟ ଦାସ)**


ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।

ଡେରାବିଶ ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରଠାରେ ଦୁର୍ଗାଦେବୀଙ୍କ ବାସନ୍ତୀକ ପୂଜନ ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ମଙ୍ଗଳବାର ମହାଷଷ୍ଠୀ ପୂଜା କରାଯାଇଥିବା ବେଳେ ବୁଧବାର ମହାସପ୍ତମୀ ପୂଜା ସହ ନବପତ୍ରିକା ପ୍ରବେଶ ଓ ଘଟସ୍ଥାପନ କରାଯାଇଥିଲା। ଗୁରୁବାର ପୀଠରେ ଅଷ୍ଟମୀପୂଜା ଓ ତାରିଣୀ ପୂଜା ସହିତ ସନ୍ଧିପୂଜା ସମାପନ ହୋଇଥିଲା। ଶୁକ୍ରବାର ମହାନବମୀ ପୂଜା ଅନୁଷ୍ଠିତ ହୋଇଛି । ବହୁ ବର୍ଷ ଧରି ହୋଇଆସୁଥିବା ଏହି ବାସନ୍ତିଙ୍କ ଦୁର୍ଗାପୂଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ଚାନ୍ଦୋଳ ବଜାରର ବ୍ୟବସାୟୀଙ୍କ ପକ୍ଷରୁ କରାଯାଉଥିବା ପୂଜାର ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶନିବାର ଦଶମୀ ପୂଜା ସହିତ ମା'ଙ୍କ ବିସର୍ଜନ କାର୍ଯ୍ୟ ସମାପନ ହେବ। ଉତ୍ସବକୁ ବଜାର କମିଟି ସମ୍ପାଦକ ସୁଦୀପ୍ତ କୁମାର ନାୟକଙ୍କ ସମେତ କର୍ମକର୍ତ୍ତା ଓ ବ୍ୟବସାୟୀମାନେ ପରିଚାଳନା କରୁଛନ୍ତି।

## ଗରାପୁରରେ ଶ୍ରୀରାମ ନବମୀ ଉତ୍ସବ

**କେନ୍ଦ୍ରାପଡ଼ା,୨୭।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ୍ କପାଳେଶ୍ୱର ପଞ୍ଚାୟତ ଗରାପୁରସ୍ଥିତ ମହାବୀର ଆଶ୍ରମସ୍ଥିତ ହନୁମାନ ମନ୍ଦିରରେ ଶ୍ରୀରାମଚନ୍ଦ୍ରଙ୍କ ଶ୍ରୀରାମ ନବମୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଓ ଅପରାହ୍ନରେ ଶ୍ରୀରାମଚରିତ ମାନସ ପାରାୟଣ, ତୁଳସୀ ରାମାୟଣ ପାରାୟଣ ଓ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥ ଏବଂ ବିଜ୍ଞ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ଦିନ ସାରା ସହସ୍ରାଧିକ ଶ୍ରଦ୍ଧାଳୁ ମନ୍ଦିରରେ ପହଞ୍ଚି ଶ୍ରୀ ହନୁମାନଜୀଉ ଓ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହି ଅନୁଯାୟୀ ପ୍ରଭୁ ଶ୍ରୀରାମଙ୍କ କଥାମୃତ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଆଶ୍ରମ ପକ୍ଷରୁ ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସ ସୂଚନା ଦେଇଛନ୍ତି।

## ପିଏମ୍‌ଶ୍ରୀ ନାଗା ନାରାୟଣ ଛାତ୍ରୀଛାତ୍ରଙ୍କ ପରିଭ୍ରମଣ


ପରିଦର୍ଶନରେ ଯାଇଥିବା ଛାତ୍ରୀଛାତ୍ର ।

**ରାଜନଗର,୨୭।୩(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ୍ ଡାଙ୍ଗମାଳସ୍ଥିତ ପିଏମ୍‌ଶ୍ରୀ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଯାଏ ଶତାଧିକ ଛାତ୍ରୀଛାତ୍ର ଭୁବନେଶ୍ୱର, ନନ୍ଦନକାନନ ଓ ରିଜିଓନାଲ ସାଇନ୍ସ ସେଣ୍ଟର ପରିଭ୍ରମଣ କରିଥିଲେ । ଏହି ପରିଭ୍ରମଣରେ ପ୍ରତ୍ୟକ୍ଷ ଭାବେ ବିଜ୍ଞାନଭିତ୍ତିକ ଗବେଷଣାତ୍ମକ ଜ୍ଞାନ ହାସଲ କରିବା ସହିତ ନନ୍ଦନକାନନ ଚିଡ଼ିଆଖାନାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଜୀବଜନ୍ତୁ ସରୀସୃପ ଦେଖି ଆମୋଦିତ ହୋଇଥିଲେ। ସରକାରଙ୍କ ତରଫରୁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଯାତାୟାତ ସୁବିଧା ସହିତ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମର ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର, ପରିଚାଳନା କମିଟି ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା, ପରିଚାଳନା କମିଟି ସଭ୍ୟାସଭ୍ୟ, ଶିକ୍ଷକ ବିପ୍ଳବ ନାୟକ, ଅନୁରାଧା ସେଠୀ, ନିର୍ମଳ ମହନ୍ତ, ସୂର୍ଯ୍ୟାଂଶୁ ବାରିକ,ବିକାଶ ରଞ୍ଜନ ମହନ୍ତ, ସଞ୍ଜୟ ସମୀର ବେହେରା ପ୍ରମୁଖ ସାମିଲ ହୋଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳାର ସହ ପରିଦର୍ଶନରେ ସହଯୋଗ କରିଥିଲେ।

## ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ଡେରାବିଶ,୨୭।୩(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀସ୍ଥିତ ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟର ୩୩ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମୀନକେତନ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ସ୍ମାରକ ମହାନ୍ତି ମୁଖ୍ୟ ଅତିଥି, ସାମ୍ବାଦିକ ଜ୍ୟୋତିର୍ମୟ ଜେନା,ଆଶିଷ ପ୍ରିୟଦର୍ଶନ ଜେନା ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଖମୋଳ ପଞ୍ଚାୟତ ସମିତି ସଭ୍ୟ ଅକ୍ଷୟ କୁମାର ନାୟକ ଯୋଗଦେଇ ମହାବିଦ୍ୟାଳୟ ପ୍ରତିଷ୍ଠାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଏହାର ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ଜେନାଙ୍କ ଜୀବନାଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉମେଶ ଚନ୍ଦ୍ର ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦ୍ରକାନ୍ତି ଖୁଣ୍ଟିଆ ସ୍ୱାଗତ ଓ ଅଧ୍ୟାପିକା କବିତା ଜେନା ବେଦପାଠ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଆଲୋକ ରଞ୍ଜନ ଦାଶ ବିବରଣୀ ପାଠ କରିବା ସହ କଲେଜ ପ୍ରତିଷ୍ଠା ଇତିହାସ ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ନେହଲତା ମିଶ୍ର, ଅରୁଣବାଳା ବେଜ ଓ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

## ରାଜନଗରରେ ଶ୍ରୀରାମ ନବମୀ ଉତ୍ସବ



**ରାଜନଗର, ୨୭।୩(ଭାସ୍କର ରାଉତରାୟ)**

ଶ୍ରୀରାମଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାରଠାରୁ ରାଜନଗରରେ ଆରମ୍ଭ ହୋଇଛି। ରାଜନଗର ଦେବୀ ମଣ୍ଡପରେ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ସହ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତବର୍ଷ ଧୁମଧାମରେ ପାଳନ କରାଯାଉଛି। ବିଜୟ ନନ୍ଦ, ହରକୁମାର ମିଶ୍ର,ପ୍ରମୋଦ କୁମାର ପାଣି ରାମଚରିତ ମାନସ ପଠନ ସହ ପୂଜାର୍ଚ୍ଚନା କରୁଛନ୍ତି। ପୂଜା ଏପ୍ରିଲ ୪ ତାରିଖ ଯାଏ ଚାଲିବ। ଶନିବାରଠାରୁ ପ୍ରତ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବଣିକ ସଂଘ ସଭାପତି ବାଇଧର ସେଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଶଙ୍କର୍ଷଣ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ଅନିରୁଦ୍ଧ ପରିଡ଼ା, ଶୂନ୍ୟବାସୀ ରାଉଳ, ସୁବାସ ସାହୁ, ହୃଷୀକେଶ ସାହୁ ଓ ସୋମନାଥ ବାରିକଙ୍କ ସମେତ ସମସ୍ତ ବ୍ୟବସାୟୀ ପରିଚାଳନା କରୁଛନ୍ତି ।

## ବାଇକ୍ ଧକ୍କାରେ ମହିଳା ମୃତ: ମୃତଦେହ ରଖି ରାସ୍ତାରୋକୋ

**ମାର୍ଶାଘାଇ,୨୭।୩(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

କୁଦାନଗରୀ ଥାନା ଅନ୍ତର୍ଗତ ଦିଆନପାଟଣାରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ମାହାରକୁଳ ଗ୍ରାମର ସୁକାନ୍ତିଦାସ (୫୪) । ପ୍ରକାଶ ଯେ, ବାସନ୍ତିକ ଦୁର୍ଗାପୂଜା ଅବସରରେ ନିକଟସ୍ଥ ଗ୍ରାମରୁ ଅପେରା ଦେଖି ଘରକୁ ଫେରିବା ସମୟରେ ମାହାରକୁଳ ଗ୍ରାମର ସୁକାନ୍ତି ଓ ତାଙ୍କ ସ୍ୱାମୀଙ୍କୁ ବାଇକ୍‌ରେ ଯାଉଥିବା ଲିଟୁ ବେହେରା ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ସୁକାନ୍ତି ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ପଛ ପଟେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ବାଇକ୍ ଚାଳକଙ୍କୁ ଶୀଘ୍ର ଗିରଫ ଦାବିରେ ପରିବାର ଓ ସ୍ଥାନୀୟ ଲୋକେ ଦିଆନପାଟଣା ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ଅଖଚକ ବନ୍ଦ ହୋଇଥିବାରୁ ପାଟକୁରା ଓ କେନ୍ଦ୍ରାପଡ଼ା ମଧ୍ୟରେ ଯାତାୟାତ ପ୍ରଭାବିତ ହୋଇଥିଲା। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଇ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ୩ ଦିନ ମଧ୍ୟରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ଅସହାୟ ପରିବାରକୁ ସହାୟତା ପ୍ରଦାନ

**ଡେରାବିଶ, ୨୭।୩(ବେବର୍ତ୍ତା ଅଜୟ ଦାସ)**



ସ୍ୱଚ୍ଛତା,ସୁରକ୍ଷା ଓ ନିଃଶୁଳ୍କ ସେବା ପ୍ରଦାନକରି ଯୁବବର୍ଗଙ୍କୁ ସଶକ୍ତକରି ଉତ୍ତମ ରାଷ୍ଟ୍ର ଗଠନରେ ପ୍ରୟାସରତ ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ବିଭିନ୍ନ ସାମାଜିକ କାର୍ଯ୍ୟ କରି ଚର୍ଚ୍ଚାରେ ରହିଆସିଥିବା ଏହି ସଂସ୍ଥା ଗୋଟିଏ ଅସହାୟ ପରିବାର ପ୍ରତି ସହାୟତାର ହାତ ବଢ଼ାଇଛି। ବ୍ଲକ ଅଧୀନ ରତାଦିଆଖଣ୍ଡସାହି ପଞ୍ଚାୟତ ବରାଙ୍ଗ ଗ୍ରାମର ଆଲୋକ ଯେନା ବୃକ୍କ ରୋଗରେ ଆକ୍ରାନ୍ତ ଥିବା ବେଳେ ବୃଦ୍ଧା ମା' ପକ୍ଷାଘାତରେ ପୀଡ଼ିତ। ବୃଦ୍ଧ ବାପା ଶଯ୍ୟାଶାୟୀ ଥିବା ବେଳେ ୩ ଛୋଟ ଝିଅ ଓ ସ୍ତ୍ରୀଙ୍କୁ ନେଇ ଆଲୋକଙ୍କ ଦୁଃଖର ସଂସାର। ଆଲୋକ ବୃକ୍କ ରୋଗରେ ପୀଡ଼ିତ ଥିବାରୁ ନିଜେ ଚିକିତ୍ସା ହେବା ତ ଦୂରର କଥା ପରିବାର ଚଳାଇବା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏହି ପରିପ୍ରେକ୍ଷୀରେ ମ୍ୟାନେଜମେଣ୍ଟ ପକ୍ଷରୁ ଉକ୍ତ ପରିବାରଙ୍କୁ ୧ମାସର ଖାଦ୍ୟ ଓ ରାଶନ ସାମଗ୍ରୀ ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁ, ପ୍ରଶାନ୍ତ କୁମାର ପାଢ଼ୀ, କାଙ୍ଗାଳି ଚରଣ ବାରିକ, ରବୀନ୍ଦ୍ର କୁମାର ବେହେରା ଓ ଲଛମନ ସାହୁଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଏହି ମହତ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସୂଚନାଯୋଗ୍ୟ, ଏହି ସଂସ୍ଥା ପରିବେଶର ସୁରକ୍ଷା ପାଇଁ ପ୍ରକୃତିମିତ୍ର ଭାବେ ପୁରସ୍କୃତ ହୋଇ ସାରିଛି।

## ବଢ଼ିଲାଣି ତାତି, ସଙ୍କଟ ହେଲାଣି ପାନୀୟ ଜଳ

**ମହାକାଳପଡ଼ା,୨୭।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

### ସ୍ଥିତି ପରଖିଲେ ଜିଲାପାଳ


ଜିଲାପାଳ ରଘୁରାମ ଆର ଆୟାର ଓ ଅନ୍ୟ ଅଧିକାରୀମାନେ ପାନୀୟ ଜଳ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦୀର୍ଘଦିନଧରି ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଅଞ୍ଚଳରେ ଜଳସ୍ତର ନିମ୍ନଗାମୀ ଯୋଗୁ ନଳକୂପରୁ ଅଧିକାଂଶ ସମୟରେ ହଳଦିଆ ଲୌହ ମିଶ୍ରିତ ଲୁଣି ପାଣି ବାହାରୁଛି। ଏହାକୁ ଦୃଷ୍ଟିରେ ରଖି ଜଳକ୍ଲିଷ୍ଟ ଅଞ୍ଚଳ ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨୦୧୭ରୁ ଲୁଣାନଦୀରୁ ଜଳ ବିଶୋଧନ ମେଶିନରେ ଲବଣ ଜଳକୁ ମଧୁର ଜଳରେ ପରିଣତ କରି ଯୋଗାଇ ଦିଆଯାଉଛି। ବ୍ଲକର ମଙ୍ଗଳପୁର ଓ ବରକନ୍ଧା ପଞ୍ଚାୟତକୁ ଘରେ ଘରେ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ପାଇଁ ୱାଟର ଭ୍ୟାନ ଯୋଗେ ଦୈନିକ ଯୋଗାଣ କରାଯାଉଛି। ତେବେ ଖରାଦିନକୁ ଦୃଷ୍ଟିରେ ରଖି ଜଳକ୍ଲିଷ୍ଟ ମୌଜାଗୁଡିକରେ ଠିକ୍ ଢଙ୍ଗରେ ପାନୀୟ ଜଳ ଯୋଗାଣ କରାଯାଉଛି କି ନାହିଁ ଶୁକ୍ରବାର ଜିଲାପାଳ ତଦାରଖ କରିଥିଲେ। ବ୍ଲକର ତେର ଗାଁ ଫେରିଘାଟ ସଂଲଗ୍ନ ଲୁଣାନଦୀ ପାର୍ଶ୍ୱରେ ଥିବା ଜଳ ବିଶୋଧନ ପ୍ଲାଣ୍ଟକୁ ଜିଲାପାଳ ରଘୁରାମ ଆର ଆୟର ଦେଖିଥିଲେ । ପରେ ବିଭାଗୀୟ ଅଧିକାରୀମାନଙ୍କୁ ପାନୀୟଜଳ ଯୋଗାଣ ଉପରେ ପଚରାଉଚରା କରିଥିଲେ। ପରେ ମଙ୍ଗଳପୁର ପଞ୍ଚାୟତ ବଉଳପଡ଼ା ମୌଜାରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ବଡିଓ ରବି ନାରାୟଣ ଆଚାର୍ଯ୍ୟ, ଜିଲା ଗ୍ରାମ୍ୟ ପାନୀୟଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ସୁଜିତ୍ କୁମାର ଲୁଗୁନ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ରାଉତ, ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଓ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ଜେନାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଗ୍ୟାସ୍ ସିଲିଣ୍ଡର ରଖି ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ

## ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ରଣପୁର,୨୭।୩
(ସୁକାନ୍ତ କିଶୋର ଡାକୁଆ)


ଲୋକେ ଗ୍ୟାସ୍ ସିଲିଣ୍ଡର ରଖି ଖୋର୍ଦ୍ଧା– ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିଲା ବେଳେ ବିଭିନ୍ନ ସ୍ଥାନରେ ତେଲ ଓ ଗ୍ୟାସ ସଙ୍କଟ ଦେଖାଦେଇଛି। ଉପଭୋକ୍ତାମାନଙ୍କୁ ଠିକ୍ ଭାବେ ଗ୍ୟାସ୍ ଯୋଗାଣ ହୋଇପାରୁ ନ ଥିବାରୁ ଏଜେନ୍ସି ଆଗରେ ଲମ୍ବା ଧାଡି ଦେଖିବାକୁ ମିଳୁଛି। ଅଭିଯୋଗ ହେଉଛି ଘରୋଇ ଇନ୍ଧନ ଗ୍ୟାସ୍ ଅଭାବ ନୟାଗଡ଼ ଜିଲା ରଣପୁର ଅଞ୍ଚଳରେ ଲାଗିରହିଛି। କେତେଜଣ ଅସୁଧା ବେପାରୀ ସିଲିଣ୍ଡର ମହଜୁଦ ରଖି ଉପଭୋକ୍ତାମାନଙ୍କୁ ନ ଦେବାରୁ ଶୁକ୍ରବାର ଶତାଧିକ ଲୋକ ଖାଲି ଗ୍ୟାସ୍ ସିଲିଣ୍ଡର ରଖି ଖୋର୍ଦ୍ଧା– ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏଥି ସହିତ ରାସ୍ତାରେ ଶହ ଶହ ଗାଡ଼ି ଓ ଲୋକମାନେ ଖରାରେ ଅଟକି ରହିଥିଲେ।

ପ୍ରକାଶ ଯେ, ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବିନୋଦପଡ଼ାଠାରେ ଥିବା ରାଧା ଗୋବିନ୍ଦ ଏଚ୍‌ପି ଗ୍ୟାସ୍ ଏଜେନ୍ସି ସମ୍ମୁଖରେ ସ୍ଥାନୀୟ ଉପଭୋକ୍ତାମାନେ ଗ୍ୟାସ୍ ସିଲିଣ୍ଡର ରଖି ପୂର୍ବାହ୍ନ ୧୦ଟାରୁ ରାସ୍ତା ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଘଣ୍ଟାଘଣ୍ଟା ଧରି ଶହ ଶହ ଗାଡ଼ି ଅଟକି ରହିଥିଲା। ଅଭିଯୋଗ ଅନୁସାରେ ଦୀର୍ଘ ୧ମାସ ହେବ ବୁକିଂ କରିଥିଲେ ମଧ ସେମାନଙ୍କୁ ଏହି ଏଜେନ୍ସି ଆଜି ମିଳିବ କାଲି ମିଳିବ କହି ଫାଙ୍କି ଆସୁଥିଲା। ଲୋକମାନେ ବାରମ୍ବାର ଅଫିସକୁ ଆସି ଗ୍ୟାସ୍ ନ ପାଇ ଖାଲିହାତରେ ଫେରି ଯାଉଥିଲେ, ରୋଷେଇ ହୋଇ ପାରୁ ନ ଥିଲା। ରଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ ଉପଭୋକ୍ତାଙ୍କୁ ବୁଝାଶୁଝା କରି ଗ୍ୟାସ୍ ବିତରକଙ୍କ ସହିତ ଆଲୋଚନା କରିଥିଲେ। ଷ୍ଟକ୍ ଆସିବା ସହିତ ଶନିବାର ଗ୍ୟାସ୍ ବିତରଣ କରାଯିବ ବୋଲି କହିଥିଲେ। ଥାନା ଅଧିକାରୀ ଶନିବାର ଗ୍ୟାସ୍ ମିଳିବା ନେଇ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ ଟାରେ ରାସ୍ତା ଅବରୋଧ ହଟିଥିଲା।

# ଆଜି ଜିଲା ଓକିଲ ସଂଘ ନିର୍ବାଚନ: ୨୧ ପ୍ରାର୍ଥୀ

ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

## ସଭାପତି, ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର

ନୟାଗଡ଼ ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ୨୮ରେ ହେବ। ମଇଦାନରେ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପ୍ରମୁଖ ୫ ପଦବୀ ପାଇଁ ୧୧ ପ୍ରାର୍ଥୀ ଓ ପରିଚାଳନା ପରିଷଦ ସଭ୍ୟ ପାଇଁ ୧୦ଜଣ ଏପରି ମୋଟରେ ୨୧ପ୍ରାର୍ଥୀ ମଇଦାନରେ ଅଛନ୍ତି। ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପଦରେ ଦ୍ୱିମୁଖି ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ଉପସଭାପତି ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ସଭାପତିଙ୍କ ପଦ ପାଇ ଲଢ଼େଇ ଯୋରଦାର ହେବ ବୋଲି କୁହାଯାଉଛି। ରଣଜିତ ଦାଶ ଓକିଲ ସଂଘର ୭ ଥର ସମ୍ପାଦକ ଓ ୨ଥର ସଭାପତିଭାବେ ନିର୍ବାଚିତ ହୋଇଥିବାବେଳେ ପୁଣିଥରେ ସଭାପତି ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେ ପୁଣି ଜିଲା କଂଗ୍ରେସ ସଭାପତି ଭାବେ କାମ କରୁଛନ୍ତି। ଏଭଳିସ୍ଥଳେ ଚଳିତ ନିର୍ବାଚନରେ ସେ ପୁଣି ପ୍ରାର୍ଥୀ ହୋଇ ରେକର୍ଡ ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

ଅନ୍ୟପକ୍ଷେ କାଳୁ ଚରଣ ସ୍ୱାଇଁ ପୂର୍ବରୁ ୨ଥର ସମ୍ପାଦକ ରହିଛନ୍ତି। ସଭାପତି ପଦ ପାଇଁ ନୂଆ ମୁହଁ ହୋଇଥିଲେ ହେଁ ପୁରୁଣା ଖେଳାଳୀ। ତେବେ ରଣଜିତଙ୍କୁ ଚେକ୍ ଦେଇ ବିଜୟ ହେବାକୁ ଗୋଟି ଚାଳନା ଜାରି ରଖିଛନ୍ତି। ଦେଖାଯାଉ କିଏ ବିଜୟୀ ହେଉଛି। ଅପରପକ୍ଷେ ଉପଭାପତି ପଦ ପାଇଁ ନୀଳମାଧବ ମିଶ୍ର, ପ୍ରସନ୍ନ କୁମାର ପଢ଼ିଆରୀ ଓ ସନ୍ତୋଷ କୁମାର ରାଉତରାୟଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସେହିପରି ସମ୍ପାଦକ ପଦବୀ ପାଇଁ ସ୍ୱଦେଶ ମିଶ୍ର ଓ ଆଶୁତୋଷ ସାମନ୍ତରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସ୍ୱଦେଶ ସମ୍ପାଦକ ଭାବେ ୩ ଥର ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ଏବେ ସେ ସମ୍ପାଦକ ଅଛନ୍ତି। ଯୁଗ୍ମ ସମ୍ପାଦକ ପଦବୀରେ ନରସିଂହ ବରାଡ ଓ ନିରଞ୍ଜନ ମିଶ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ କୋଷାଧକ୍ଷ ପାଇଁ ବିଭୁଦତ୍ତ ସାହୁ ଓ ପ୍ରଣବ କିଶୋର ବିଶୋଇଙ୍କ ମଧ୍ୟରେ ଲଢ଼େଇ ହେଉଛି। ପରିଚାଳନା ପରିଷଦ ସଭ୍ୟ ୬ଟି ପଦବି ଅଛନ୍ତି। ଏଥିପାଇଁ ଚିତ୍ତରଞ୍ଜନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ମମତା ନାୟକ, ନିରାକାର ମହଲ, ପ୍ରକାଶ ଚନ୍ଦ୍ର ଦାଶ, ପ୍ରଣବ କୁମାର ଜେନା, ପୁଷ୍ପାଞ୍ଜଳି ମିଶ୍ର, ଶୈଳେନ୍ଦ୍ର ନାରାୟଣ ପଟ୍ଟନାୟକ, ସୁନିଲ କୁମାର ମହାପାତ୍ର ଓ ତ୍ରିନାଥ ନାୟକ ପ୍ରମୁଖ ୧୦ ଜଣ ପ୍ରାର୍ଥୀ ହୋଇଛନ୍ତି।

# ବୃଦ୍ଧଙ୍କ ମୁହଁରେ ଗାମୁଛା ବାନ୍ଧିଲେ, ସୁନାଚେନ ଲୁଟିଲେ

ନୟାଗଡ,୨୭।୩(ଲୋକନାଥ ମିଶ୍ର)

ଓଡଗାଁ ଆଦର୍ଶ ଥାନା ନନ୍ଦିଘୋର ପାଣିଖିଆ ସାହିରେ ଗତ ୨୫ ତାରିଖ ରାତି ପ୍ରାୟ ୯ଟାରେ ଅଇଁଠା ବେହେରା(୮୧) ନାମ୍ନୀ ବୃଦ୍ଧାଙ୍କ ଠାରୁ ସୁନାହାର ଲୁଟ୍ ହୋଇଛି । ସେ ରାତିରେ ଦାଣ୍ଡକୁ ଆସୁଥିବାବେଳେ ୩ଜଣ ଲୁଟେରା ଅଇଁଠାଙ୍କ ମୁହଁରେ ଗାମୁଛା ବାନ୍ଧି ବେକରୁ ସୁନା ହାର ଲୁଟି ନେଇଥିଲେ । ଚୋରି ସୁନା ହାର ଦାମ ୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି ।

# ଫତେଗଡ ଶ୍ରୀରାମ ମନ୍ଦିରରେ ରାମନବମୀ


ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ଭାପୁର, ୨୭।୩ (ପ୍ରଭାତ ବରାଡ)

## ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଭାପୁର ବ୍ଲକ ଫତେଗଡ ଶ୍ରୀରାମ ପାହାଡ ଉପରେ ଶ୍ରୀରାମ ମନ୍ଦିରରେ ରାମନବମୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ସକାଳ ୫ ଟାରେ ପହୁଡ଼ ଖୋଲା, ଅବକାଶ ନୀତି ବସ୍ତ୍ର ପରିଧାନ ସହିତ ଅଳଙ୍କାର ବେଶ ଭୂଷଣ ଓ ସକାଳ ଆଳତି ହୋଇଥିଲା। ଶ୍ରଦ୍ଧାଳୁ ମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମାତ୍ର ୨୫ ମିନିଟ ପର୍ଯ୍ୟନ୍ତ ପହଡ଼ ପଡ଼ିଥିଲା। ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ସିନେ ତାରକାମାନଙ୍କୁ ନେଇ ଭଜନ ସମାରୋହ ଚାଲିଥିବା ବେଳେ କାଳ ବୈଶାଖୀ ଯୋଗୁ ଏହାକୁ ବନ୍ଦ ରଖାଯାଇଥିଲା। ରାମ ମନ୍ଦିର ପରିଷଦ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରସାଦ ସେବନ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଖଣ୍ଡପଡ଼ା ଏସଡିପିଓ ମଦନମୋହନ ପ୍ରଧାନ, ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁଙ୍କ ସମେତ ତିନି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ।

ସେହିପରି ଭାପୁର ବ୍ଲକ ବିଜିପୁର ବଡ଼ସାହିରେ ପାଳନ ହୋଇଛି ବହୁ ପୁରାତନ ୧୦୮ତମ ରାମନବମୀ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ କୃଷ୍ଣଚନ୍ଦ୍ର ରାଉତରାୟ, ଜୟକୃଷ୍ଣ ଦାସ, ଲକ୍ଷ୍ମୀଧର ପଟ୍ଟନାୟକ,ପୀତବାସ ଜେନା, ସତ୍ୟନାରାୟ ଜେନା, ଶଶୀଭୂଷଣ ରାଉତରାୟ ଓ ସନ୍ତୋଷ ଜେନା ଗ୍ରାମବାସୀଙ୍କ ଦ୍ୱାରା ଉତ୍ସବ ଆୟୋଜନ ହୋଇଥିଲା ନିତ୍ୟାନନ୍ଦ ପାଣିଗ୍ରାହୀ ରାମାୟଣ ଗାୟନ ଓ ସହଯୋଗ କରିଥିଲେ। ଏହି ରାମ ନବମୀ ଯାତ୍ରା ୨୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମରେ ରାମନବମୀ ପାଳନ କରାଯାଇଥିଲା। ରାମାୟଣ ଗାୟନ କରିଥିଲେ ନାରାୟଣ ରାଉତରାୟ ଓ ସ୍ୱପ୍ନେଶ୍ୱର ବରାଡ଼। ଭାପୁର, ବଡସହରା, ହନୁମନ୍ତପ୍ରସାଦ, ଫତେଗଡ, କରବର ଏବଂ ଭାପୁର ବ୍ଲକର ୨୦ପଞ୍ଚାୟତରେ ଶ୍ରୀରାମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି।

# କୋଇଲା ପରିବର୍ତ୍ତେ ବିଦ୍ୟୁତ୍ ଭାଟି ବ୍ୟବହାର ନେଇ ଆଲୋଚନାଚକ୍ର

ଖଣ୍ଡପଡା,୨୭।୩ (ଅଜୟ କୁମାର ମହାରଣା)

କଣ୍ଟିଲୋ କଂସା, ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ବାହାରେ ପ୍ରସିଦ୍ଧିଲାଭ କରିଛି । ତେବେ ଏହି ଶିଳ୍ପ ଲାଗି କଞ୍ଚାମାଲ ସହ କାଠ କୋଇଲାର ମୁଖ୍ୟ ଆବଶ୍ୟକତା ରହିଛି । ମାତ୍ର ଜଙ୍ଗଲ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉ ଥିବାରୁ ଜଙ୍ଗଲରୁ ଏବେ ଏହି କାଠ କୋଇଲା ବା ଅଙ୍ଗାର ଆସିବାରେ ବାଧକ ସୃଷ୍ଟି ହୋଇଛି । କଂସା ପିତ୍ତଳ କାରିଗରମାନେ ମୁଖ୍ୟତଃ କାଠ କୋଇଲା ଭାଟିରେ ସେମାନଙ୍କ କାରିଗରି କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କାରିଗରମାନଙ୍କ ସୁବିଧା ପାଇଁ ଏବେ ରାଜ୍ୟ ତଥା କେନ୍ଦ୍ର ସରକାର କାଠ କୋଇଲା ଭାଟି ପରିବର୍ତ୍ତେ ବିଦ୍ୟୁତ୍ ଭାଟି(ଚୁଲା) ବ୍ୟବହାର ଲାଗି ଗୁରୁତ୍ୱାରୋପ କରି ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି। ଏ ସମ୍ପର୍କରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କାରିଗରମାନଙ୍କ ତଥା କଂସା, ପିତ୍ତଳ ବାସନ ଶିଳ୍ପର ଉନ୍ନତି ତଥା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଲାଗି ପ୍ରୟାସ ଜାରି ରଖିଥିବା ଜଣାଯାଇଛି । ମହତାବଙ୍କ ପରାମର୍ଶ କ୍ରମେ ଏପରିପ୍ରେକ୍ଷୀରେ ବିଜେତ୍ରୀ ଫାଉଣ୍ଡେଶନ ପ୍ରାୟୋଜିତ ଓ ସିଡିବି ବ୍ୟାଙ୍କ ସହାୟତାରେ ସମସ୍ତ କାରିଗରଙ୍କୁ ବିଦ୍ୟୁତ୍ ଚୁଲା ଯୋଗାଇ ଦେବା ନିମନ୍ତେ ଦିଲ୍ଲୀସ୍ଥିତ ସିଡିବି(ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ) ବ୍ୟାଙ୍କର ମୁଖ୍ୟ ସାଧାରଣ ପ୍ରବନ୍ଧକ(ସିଜିଏମ୍) ସାତ୍ୟକି ସାଲୁଙ୍କେ, ସିଡିବିର ହରିତ୍ ବିଭାଗ ଅଧିକାରୀ ତାମଲ୍ ସରକାରଙ୍କ ସମେତ ବିଜେତ୍ରୀ ଫାଉଣ୍ଡେଶନ ନିର୍ଦ୍ଦେଶକ ପ୍ରେମାନନ୍ଦ ନାଥ କଣ୍ଟିଲୋ ଗ୍ରାମ ପରିଦର୍ଶନରେ ଆସି କଂସା ପିତ୍ତଳ କାରିଗରମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ପରେ ପରେ ଓଡିଶା କଂସାରୀ ସମାଜ ସଭାପତି ଅଖିଳ କୁମାର ମହାରଣାଙ୍କ ପ୍ରୟାସ କ୍ରମେ ଅଞ୍ଚଳର କଂସାପିତ୍ତଳ କାରିଗରମାନଙ୍କୁ ନେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାରିଗରମାନଙ୍କ ବିଭିନ୍ନ ସମସ୍ୟାକୁ ଉପଲବ୍ଧି କରି ସିଜିଏମ୍‌ର ସାଧାରଣ ପ୍ରବନ୍ଧକ ସାଲୁଙ୍କେ ଉପସ୍ଥିତ ଥିବା ସିଡିବିର ହରିତ୍ ବିଭାଗ ଅଧିକାରୀ ସରକାରଙ୍କୁ ନିବେଦନ କରିଥିଲେ । ଅପରପକ୍ଷେ ସମସ୍ତ କାରିଗର କୋଇଲା ଭାଟି ପରିବର୍ତ୍ତେ ବିଦ୍ୟୁତ୍ ଭାଟି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ଆୟୋଜିତ ଆଲୋଚନାରେ କଂସାପିତ୍ତଳ କାରିଗର ତଥା କଂସାପିତ୍ତଳ ରାଜ୍ୟ ପୁରସ୍କାରପ୍ରାପ୍ତ ପବିତ୍ର କୁମାର ମହାରଣା, କାରିଗର ଦୁର୍ଯ୍ୟୋଧନ ମହାରଣା, ପ୍ରଦୀପ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ମହାରଣା, ଅଶୋକ କୁମାର ସାହୁ, ଅୟସକାନ୍ତ ମହାରଣା, ନାରାୟଣ ସାହୁ, ମଦନ ମୋହନ ସାହୁ ଓ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମତାମତ ରଖିଥିଲେ।

# ଜଗା ଚାକର ସଂଘ ପକ୍ଷରୁ ଟଙ୍କ ତୋରାଣି ବଣ୍ଟନ

ଭାପୁର,୨୭।୩(ପ୍ରଭାତ ବରାଡ)

ଦ୍ୱିତୀୟ ଅଯୋଧ୍ୟା ଭାବେ ଖ୍ୟାତିଲାଭ କରିଥିବା ଫତେଗଡ଼ ରାମ ମନ୍ଦିରଠାରେ ଶୁକ୍ରବାର ଶ୍ରୀରାମ ନବମୀ ଅବସରରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ଆଧ୍ୟାତ୍ମିକ ଅନୁଷ୍ଠାନ 'ଜଗା ଚାକର ସଂଘ'ର ଭଉଣୀଭାଇମାନଙ୍କ ଦ୍ୱାରା ହଜାର ହଜାର ରାମ ଭକ୍ତଙ୍କୁ ଟଙ୍କ ତୋରାଣି, ନିର୍ମାଲ୍ୟ, ଭାଗବତ ଗୀତା ଓ ଜଗା ଚାକର ସଂଘ ପତ୍ରିକା ବଣ୍ଟନ କରାଯାଇଥିଲା। ତେବେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଖରାରେ ଆସିଥିବା ଶ୍ରଦ୍ଧାଳୁମାନେ ଟଙ୍କ ତୋରାଣି ପାନ କରି ଖୁବ ଆନନ୍ଦିତ ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟ ପକ୍ଷରେ ପ୍ରବଳ ଗୁଳୁଗୁଳି ଯୋଗୁ ଅସ୍ତବ୍ୟସ୍ତ ହେଉଥିବା ଶ୍ରଦ୍ଧାଳୁଙ୍କ ଉପରେ ଅନୁଷ୍ଠାନର ଯୁବକମାନେ ପାଣି ସିଞ୍ଚନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ଜଗା ଚାକର ସଂଘ ନୟାଗଡ଼ ଜିଲା ଶାଖା ପକ୍ଷରୁ ଆଜିର ଏହି ସେବା କାର୍ଯ୍ୟରେ ଶ୍ରୀରାମ ପରିଷଦ ସଭାପତି ସାମାଜିକକର୍ମୀ ବେଣୁଧର ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ଆଣ୍ଡିମୋଚନ ନେବା ସହିତ ଟଙ୍କ ତୋରାଣି ବଣ୍ଟନ କରିଥିଲେ। ସେହିପରି ସଂଘର ବରିଷ୍ଠ ଉପଦେଷ୍ଟା ମନୋଜ କୁମାର ମହାପାତ୍ର, ବସନ୍ତ କୁମାର ସାହୁ, ରମେଶ କୁମାର ଦଳେଇ, ଧର୍ମାନନ୍ଦ ସାହୁ, ଜନ୍ମେଜୟ ଦଳେଇ, ମିନତି ପୂଜାରୀ, ବଳରାମ ମଣ୍ଡିକା, ଡଲି ମନ୍ଦିକା, ବିରଜିଁ ବିଶୋଇ, ଖଡେଶ୍ୱରି ମାଣ୍ଡିକ, କହ୍ନେଇ ଭଟ୍ଟ, ମନୋଜ କୁମାର ମହାପାତ୍ର, ପ୍ରେମାନନ୍ଦ ପାତ୍ର, ସରୋଜ କୁମାର ବେଜ, ପୁଷ୍ପା ସିଂହ, ପ୍ରମିଳା ସାହୁ, ସତ୍ୟବ୍ରତ ସାହୁ, ବାବୁଲି ବେହେରା, ଅମ୍ବି କୁମାର ବେହେରା, ରାଜକିଶୋର ଦଳେଇ, ରଞ୍ଜନ ମହାପାତ୍ର, ସନାତନ ପରିଡ଼ା, ରାଜେଶ ଖଟୁଆ, ଜିତେଶ ଖଟୁଆ, ରଞ୍ଜନ କୁମାର ସାହୁ, ଦିପ୍ତିମୟୀ ଚୌଧୁରୀ, ସୌମ୍ୟରଞ୍ଜନ ବେହେରା ଓ ବିବେକରାଜ ପରିଡ଼ା ପ୍ରମୁଖ ସେବାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।


ଟଙ୍କ ତୋରାଣି ବଣ୍ଟନ କରାଯାଉଛି।

# ଦରଦାଠାରେ ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ

ଖଣ୍ଡପଡା,୨୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦରଦା ଗ୍ରାମସ୍ଥିତ ମହିଷାଶୁଣୀ ପୀଠରେ ଚୈତ୍ର ସପ୍ତମୀଠାରୁ ଶୁକ୍ରବାର ନବମୀ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାସନ୍ତିକ ଦୁର୍ଗାପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ମହୁଲପଡା, ଦରଦା ଗ୍ରାମବାସୀଙ୍କ ପକ୍ଷରୁ ୩ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଗୁରୁବାର ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରାତିରେ ଦରଦା ଗ୍ରାମର ଯୁବ କଳାକାରମାନଙ୍କ ଦ୍ୱାରା ଅରୁଣ କୁମାର ମହାନ୍ତିଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'କର୍ଣ୍ଣ ଖୋଜୁଛି ତା'ର ନିଜ ଠିକଣା' ମଞ୍ଚସ୍ଥ ହୋଇଥିଲା।

ଅତିଥି ଭାବେ ଖଣ୍ଡପଡା ବ୍ଲକ ପୂର୍ବତନ ଅଧକ୍ଷା ସୀତା ସ୍ୱାଇଁ ଓ ସାମାଜିକକର୍ମୀ ବିଧାନ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଅବସରରେ ଠାକୁରାଣୀଙ୍କୁ ପରିକ୍ରମା କରାଯାଇ ସ୍ୱମନ୍ଦିରକୁ ବିଜେ କରାଯାଇଥିଲା। ସେହିପରି ଏହି ଗ୍ରାମ ନିକଟରେ ଥିବା ବାତରା ମଠରେ ଶୁକ୍ରବାର ଶ୍ରୀରାମ ନବମୀ ଅବସରରେ ଶ୍ରୀରାମଙ୍କ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଠରେ ଶ୍ରୀରାମ,ଲକ୍ଷ୍ମଣ ଓ ମାତା ସୀତା ଦେବୀଙ୍କ ପୂଜାର୍ଚ୍ଚନା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ସିଧାମୂଳାରେ ଗୀତାମହାଯଜ୍ଞ, ରାମଜନ୍ମ ଉତ୍ସବ

ଖଣ୍ଡପଡା,୨୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧମୂଳାସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ତ୍ରିଦିନାତ୍ମକ ଗୀତା ମହାଯଜ୍ଞର ତୃତୀୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପାର୍ଶ୍ୱରେ ବିରାଜିତ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କୁ ସ୍ନାନ ମଇଲମ ପରେ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କୁ ନବବସ୍ତ୍ର ପରିଧାନ କରାଯାଇ ତୁଳସୀ ଅର୍ପଣ ପରେ ଯଜ୍ଞ ମଣ୍ଡପରେ ବିଜେ ପ୍ରତିମାଙ୍କ ନିକଟରେ ଷୋଡ଼ଷ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରାମ ଜନ୍ମପୁରାଣ ପଠନ କରାଯାଇଥିଲା।

# ଲୁଟି ନେଲେ ୮ ଲକ୍ଷରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର, ଟଙ୍କା

ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ବଳଭଦ୍ରପୁର ଗାଁର ବୈକୁଣ୍ଠ ସାହୁଙ୍କ ଘରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର, ୭୬ ହଜାର ଟଙ୍କା ଏପରି ମୋଟରେ ୭ ଲକ୍ଷ ୭୬ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ନଂ. ୬୭/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଚୋରମାନେ ମୁଖାପିନ୍ଧି ଆସିଥିବା ବେଳେ ଗଞ୍ଜାମୀ ଓଡିଆ ଓ ହିନ୍ଦି ଭାଷାରେ କଥାବାର୍ତ୍ତା କରୁଥିଲେ।

ସୂଚନା ଅନୁସାରେ, ବଳଭଦ୍ରପୁର ଗାଁର ବୈକୁଣ୍ଠ ସାହୁଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ଚୋରମାନେ ବାଡିପଟ କବାଟ ଭାଙ୍ଗି ପଶି ଘରେ କଳାକନା ବୁଲାଇ ଦେଇଛନ୍ତି। ବୈକୁଣ୍ଠ ଅସୁସ୍ଥତା ହେତୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଘରେ ପୁଅ ବସନ୍ତ, ତାଙ୍କ ସ୍ତ୍ରୀ ଓ ପୁଅ ଥିଲେ। ବସନ୍ତଙ୍କ ପରିବାର ସଦସ୍ୟ ଖାଇ ପିଇ ଶୋଇଥିଲେ। ରାତି ପ୍ରାୟ ୧୨ଟା ୪୦ରେ ବାରିପଟ କବାଟ ଭାଙ୍ଗି ୪ ରୁ ୫ଜଣ ଘରେ ପଶିଥିଲେ। ଏଥିରୁ ଜଣେ ବୁଢ଼ା ଥିବାବେଳେ ଅନ୍ୟମାନେ ଯୁବକ ଥିଲେ। ସେମାନେ ମୁହଁରେ ମୁଖା ପିନ୍ଧିଥିଲେ। ଘରେ ପଶି ବସନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ମାରପିଟ୍ କରି ଭୟଭୀତ କରାଇ ଆଲମିରା ଭାଙ୍ଗି ୭୬ ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ୨ଟି ସୁନା ହାର, ୨ଟି ଚେନ, ୨ ଲକେଟ ଓ ଏକ ବ୍ରେସଲେଟ ଅନୁରୂପ ଭାବେ ନେଇ ଯାଇଛନ୍ତି। ପୁଣି ୨ଟି ଫୋନ, ଏଲଆଇସି ବଣ୍ଡ, କେତେକ ଦରକାରୀ କାଗଜାତ ନେଇ ଯାଇଛନ୍ତି। ପୋଲିସ ତଦନ୍ତ କରିବା ପରେ ୨ଟି ମୋବାଇଲ ପାଇଛି। ଜବତ ୨ ମୋବାଇଲ ବସନ୍ତଙ୍କର ବୋଲି ଜଣାପଡିଛି।


ଚୋରି ହୋଇଥିବା ଘର ।

# ଶ୍ରୀ ରଘୁନାଥଙ୍କ ପୀଠରେ ରାମନବମୀ ଉତ୍ସବ

ଗଣିଆ,୨୭।୩(ସନ୍ତୋଷ କୁମାର ପ୍ରଧାନ)

## ଲଙ୍କାପୋଡ଼ି ଯାତ୍ରା ଉଦ୍‌ଘାଟିତ

ଗଣିଆରେ ବିରାଜିତ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ସମେତ ବିଭିନ୍ନସ୍ଥାନରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ଭୋର ୪ଟାରୁ ଗଣିଆ ଗ୍ରାମର ପ୍ରତ୍ୟେକ ସାହିରେ ପ୍ରଭାତ ଫେରୀ କରାଯାଇଥିଲା। ସକାଳ ୭ଟାରେ ବଜରଙ୍ଗସେନା ଦ୍ୱାରା ଏକ ବିଶାଳ ବାଇକ୍ ଶୋଭାଯାତ୍ରା ରଘୁନାଥ ଜୀଉଙ୍କ ମନ୍ଦିର ନିକଟରୁ ବାହାରି ଗଣିଆ, କିଶୋରପ୍ରସାଦ, ବିଜୟନଗର ଓ ବେଲପ ପରିକ୍ରମ କରାଯାଇଥିଲା। ଗଣିଆ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ସଭ୍ୟ ଶ୍ରୀରାମଙ୍କ ନାମ କୀର୍ତ୍ତନକରି ବାଇକ୍ ଶୋଭାଯାତ୍ରା କରିଥିଲେ। ଏହାପରେ ଠାକୁରଙ୍କ ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ବିକ୍ରମ ନରେନ୍ଦ୍ରଙ୍କ ରଚିତ ରାମଙ୍କ ଜନ୍ମ ବୃତ୍ତାନ୍ତ ରାମାୟଣର ଆଦ୍ୟକାଣ୍ଡ ପଠନ କରାଯାଇଥିଲା। ମଧ୍ୟାହ୍ନରେ ଠାକୁରଙ୍କ ଜନ୍ମୋତ୍ସବ ପରେ ସୂର୍ଯ୍ୟ ଦର୍ଶନ ଓ ବେଢା ପରିକ୍ରମା ନୀତି ଅନୁଷ୍ଠିତ ହୋଇଥିଲା। ରୀତି ଅନୁଯାୟୀ ୧୩ଦିନ ବ୍ୟାପୀ ପୂଜାର୍ଚ୍ଚନା ଶ୍ରୀରାମ ଲୀଳାଭିନୟ କରାଯିବ।

୧୯୭୨ ରୁ ଗଣିଆର ମୁଖ୍ୟପର୍ବ ଭାବରେ ଏହି ଯାତ୍ରା ପାଳିତ ହୋଇଆସୁଛି। ଗଣିଆ ଲଙ୍କାପୋଡି ଓ ପ୍ରସିଦ୍ଧି ଲାଭ କରିଥିବା ପ୍ରଚୀନ ମୁକ୍ତରଙ୍ଗ ମଞ୍ଚ ଏହି କଳା ସଂସ୍କୃତି ନୃତ୍ୟ ସଙ୍ଗୀତ ପରମ୍ପରାର ନିଦର୍ଶନ ଅଟେ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ୩୩ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ଚଳନକ୍ଷମ ୧୦ମୁଣ୍ଡ ଓ ବିଂଶ ବାହୁ ବିଶିଷ୍ଟ ରାବଣ ଓ ୨୦ଫୁଟ ବିଶିଷ୍ଟ ନନ୍ଦିଘୋଷ ରଥ।

ଶ୍ରୀରାମ ନବମୀଠାରୁ ମୁଖ୍ୟ ନାଟ ମଣ୍ଡପ ସମେତ ୩ଟି ମୁକ୍ତାକାଶ ରଙ୍ଗମଞ୍ଚରେ ଏହି ଶ୍ରୀରାମ ଲୀଳାଭିନୟ ଅନୁଷ୍ଠିତ ହୋଇ ଆସୁଛି। ଏହି କ୍ରମରେ ଶ୍ରୀରାମ ନବମୀ ଉପଲକ୍ଷେ ଠାକୁରଙ୍କ ଦର୍ଶନ ନିମତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଚହଳି ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଳମ୍ବିତ ସନ୍ଧ୍ୟାରେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପରିସରରେ ଥିବା ନାଟ ମଣ୍ଡପରେ ରାମନାଟକର ଉଦ୍‌ଘାଟନ ଦିବସରେ ଶ୍ରୀରାମ ଜନ୍ମ ଓ ବଧ ନାଟକ ପରିବେଷଣ ଆରମ୍ଭ ହୋଇଥିଲା। ନୌକେଶୀଙ୍କୁ ଋଷି ବିଶ୍ରବାଙ୍କ ଔରସରୁ ଜନ୍ମ ନିଅନ୍ତି ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ। ଜନ୍ମ ପରେ ତପସ୍ୟା କରି ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ତ୍ରିପୁର ବିଜୟ ସହିତ ଦେବଗଣଙ୍କୁ ସ୍ୱର୍ଗରାଜ୍ୟରୁ ବିଦା କରନ୍ତି। ଦୈତ ଓ ଦୁରାଚାରଙ୍କ ଅତ୍ୟାଚାରରେ ଅତିଷ୍ଠ ଦେବଗଣଙ୍କ ଆତୁର ପ୍ରାର୍ଥନା ଶୁଣି ଶ୍ରୀବିଷ୍ଣୁ ଅଯୋଧାରେ ରାମଅବତାର ଗ୍ରହଣ କରି ଦୈତ୍ୟ ନିପାତର ପ୍ରତିଶୃତି ଦେବା ସହ ପ୍ରଭୁଙ୍କ ସହଯୋଗ ନିମନ୍ତେ ଦେବଗଣ ମର୍ତ୍ତ୍ୟଧାମରେ ଉଲୁକ ବାନର ରୂପେ ଅବତୀର୍ଣ୍ଣ ହେବା ସ୍ଥିରିକୃତ ହୁଏ। କାଳକ୍ରମେ ଋଷ୍ୟଶୃଙ୍ଗ ମୁନିଙ୍କ ତପସାଧନରେ ପ୍ରଭାଭିତ ହୋଇ ଅଯୋଧାର ରାଜା ଦଶରଥ ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କରନ୍ତି। ରାଜା ଦଶରଥଙ୍କର ତିନିରାଣୀ କୈଶଲ୍ୟା, କୈକେୟୀ ଓ ସୁମିତ୍ରା ଯଜ୍ଞ ଚରୁ ଭକ୍ଷଣ କରନ୍ତି। ଅତଏବ କୈଶଲ୍ୟା ଶ୍ରୀରାମଙ୍କୁ, କୈକେୟୀ ଭରତଙ୍କୁ ଓ ସୁମିତ୍ରା ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ ଦିଅନ୍ତି। କାଳକ୍ରମେ ରାଜା ଦଶରଥ ଓ ୩ ରାଣୀଙ୍କ କୋଳରେ ଚନ୍ଦ୍ରକଳା ସଦୃଶ ବଢିଚାଲନ୍ତି ଶ୍ରୀରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ। ଚାରିଭାଇ କୁଳଗୁରୁ ବଶିଷ୍ଠଙ୍କ ନିକଟରୁ ଶିକ୍ଷାଲାଭ କରିବା ସହିତ ଯୁଦ୍ଧ ବିଦ୍ୟାରେ ନିପୁଣତା ହାସଲ କରନ୍ତି।

ଅପରପକ୍ଷେରେ ସିଦ୍ଧ ବନରେ ଋଷି ବିଶ୍ୱାମିତ୍ର ଓ ଅନ୍ୟ ମୁନିଋଷିଙ୍କ ଯାଗଯଜ୍ଞ ଓ ଜପତପକୁ ଧ୍ୱଂସବିଧ୍ୱଂସ କରି ଚାଲନ୍ତି ଦୁଷ୍ଟ ଦୈତ୍ୟଗଣ। ଆକଶରୁ ଶୁନ୍ୟବାଣୀ ହୁଏ ଦଶରଥ ନନ୍ଦନ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ଯଜ୍ଞ ରକ୍ଷା ସମ୍ଭବ। ଅତଏବ ଋଷି ବିଶ୍ୱାମିତ୍ର ଅଯୋଧା ଗମନ କରନ୍ତି ଶ୍ରୀରମ ଓ ଲକ୍ଷ୍ମଣଙ୍କୁ ସିଦ୍ଧବନ ଆଣିବାକୁ। ବାତ୍ସଲ୍ୟ ପ୍ରେମରେ ନିମଜିତ ରାଜା ଦଶରଥ ପ୍ରଥମେ ଅମଙ୍ଗ ହୁଅନ୍ତି ପରେ ଦୈବବାଣୀ କ୍ରମେ କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶକ୍ରମେ ଋଷି ବିଶ୍ୱାମିତ୍ରଙ୍କ ସଙ୍ଗେ ଗମନ କରନ୍ତି ଶ୍ରୀରାମ ଓ ଲକ୍ଷ୍ମଣ। ବାଟରେ ଦୁଷ୍ଟ ଅସୁରୁଣୀକୁ ବଦ୍ଧ କରନ୍ତି ଦୁଇ ଭାଇ। ଏଭଳି ମନୋରମ ଦୃଶ୍ୟ ଦେଖିବାକୁ ଗଣିଆ ଅଞ୍ଚଳର ବହୁ ରାମପ୍ରେମୀ ଭକ୍ତ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ। ସେହିପରି ହରିପୁରସ୍ଥିତ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରରେ ଏହି ଉତ୍ସବ ଆଡମ୍ବର ସହିତ ଅନୁଷ୍ଠିତ ହୋଇଥିଲା।


ରଘୁନାଥ ଜୀଉଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

# ଓଏମ୍‌ବିଏଡିସି: ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଣଦେଖା

ଯାଜପୁର,୨୭।୩ (ହର୍ଷବର୍ଦ୍ଧନ ବେହେରା)

ଶିଳ୍ପ ଓ ଖଣି ସଂସ୍ଥାର ଆଗମନ ପରେ ଯାଜପୁର ଜିଲାବାସୀଙ୍କ ପାଇଁ ରୋଗଦୁଃଖ ଚିର ସହଚର ହୋଇଛି। ଖଣି ଖନନ ଯୋଗୁ ବାୟୁ ଓ ଜଳ ପ୍ରଦୂଷଣରେ ସ୍ଥାନୀୟ ଲୋକେ ଡହଳବିକଳ ହେଉଛନ୍ତି। କିଡ୍‌ନୀ, ଯକ୍ଷ୍ମା, ଝାଡାବାନ୍ତି, ହଇଜା ଓ ଅନ୍ୟାନ୍ୟ ପେଟ ରୋଗ ଏ ଅଞ୍ଚଳ ପାଇଁ ସାଧାରଣ କଥା ହୋଇଗଲାଣି। କିନ୍ତୁ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, ଔଷଧ ନାହିଁ ବୋଲି ଅଭିଯୋଗ ହେଉଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଲୋକେ ଚିକିତ୍ସା ପାଇଁ ଅନ୍ୟ ଜାଗାକୁ ଯାଇ ଲୁଣ୍ଠନର ଶିକାର ହେଉଛନ୍ତି। ଶିଳ୍ପ ଓ ଖଣି କର୍ତ୍ତୃପକ୍ଷ ଏଠାକାର ସମ୍ବଳରେ ଧନଶାଳୀ ହେଉଥିବାବେଳେ ସାଧାରଣ ଲୋକେ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି। ତେଣୁ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠି ବିନିଯୋଗ କରି ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଓଏମ୍‌ବିଏଡିସି ପାଣ୍ଠି ବିନିଯୋଗ ନୈରାଶ୍ୟଜନକ ରହିଛି। ଯାଜପୁର ଜିଲାରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ




ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

୨୦୨୩-୨୪ରେ ହାତକୁ ନିଆଯାଇଥିବା ୧୭ଟି ପ୍ରକଳ୍ପରୁ ମାତ୍ର ୨ଟି ସ୍ୱାସ୍ଥ୍ୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହାବାଦ୍ ୭ଟି ପ୍ରକଳ୍ପକୁ ବନ୍ଦ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିରୁ ଜିଲା ପ୍ରଶାସନ ପକ୍ଷରୁ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆନ୍ତରିକତା ନ ଥିବା ମନେହେଉଛି। ଏହା ପୂର୍ବରୁ ସିଏଜି ରିପୋର୍ଟରେ ମଧ୍ୟ ଯାଜପୁର ଜିଲାରେ ଡାକ୍ତରଙ୍କ ଅଭାବ ଦୂର କରିବା ପାଇଁ ଯୋଜନାର ଅଭାବ, ଡାକ୍ତରଙ୍କ ଅଭାବକୁ ହ୍ରାସ କରିବା ପାଇଁ କ୍ଲଷ୍ଟର ହାଉସିଂ କନ୍‌ସେପ୍ଟ କାର୍ଯ୍ୟକାରୀ ନ କରିବା, ପ୍ରକଳ୍ପ ପ୍ରସ୍ତାବ ସମ୍ପର୍କରେ ଜିଲା କର୍ତ୍ତୃପକ୍ଷଙ୍କ ସଚେତନତାର ଅଭାବ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଆବଶ୍ୟକତାକୁ ଅନ୍ତର୍ଭୁକ୍ତ ନ କରିବା, କେତେକ ପ୍ରସ୍ତାବିତ ପ୍ରକଳ୍ପକୁ ବିନା କାରଣରେ ବାଦ୍ ଦିଆଯିବା, ଅଣଖଣି ବ୍ଲକରେ ଅଧିକ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ବଣ୍ଟନ କରିବା ଇତ୍ୟାଦି ଦର୍ଶାଯାଇଛି। ଫଳରେ ଏବେ ବି ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି।

ସିଏଜି ରିପୋର୍ଟ ଅନୁସାରେ ରାଜ୍ୟର ପ୍ରତ୍ୟେକ ଜିଲାରେ ଡାକ୍ତରଙ୍କ ଅଭାବ ରହିଛି। ଏହାସହ ମାନବସମ୍ବଳ ସମ୍ବନ୍ଧୀୟ ସମସ୍ୟା ରହିଥିଲେ ବି ଏହାର ସମାଧାନ ଦିଗରେ ଏହା ପୂର୍ବରୁ ଉଦ୍ୟମ ହୋଇନାହିଁ। ଡାକ୍ତରଙ୍କ ଅଭାବକୁ ଦୃଷ୍ଟିରେ ରଖି ତଦାରଖ ପ୍ରାଧିକରଣ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି) ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆୟୁଷ ଡାକ୍ତର ନିଯୁକ୍ତି ଦେବାକୁ ପରାମର୍ଶ

- ଗ୍ରାମ୍ୟ ନିର୍ମାଣ ବିଭାଗକୁ ୭.୭୧ କୋଟି ମଞ୍ଜୁର, ୬୯.୫୪ ଲକ୍ଷ ଖର୍ଚ୍ଚ
- ପ୍ରଦୂଷଣରେ ଡହଳବିକଳ ଖଣି ପ୍ରଭାବିତବାସୀ

ଦିଆଯାଇଥିଲା। କିନ୍ତୁ ବିଭାଗ ଏହି ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନ ଥିଲା। ତେଣୁ ଓଏମ୍‌ବିଏଡିସି ଅଧୀନରେ ଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ପର୍ଯ୍ୟାପ୍ତ ଡାକ୍ତର ଏବଂ ମାନବସମ୍ବଳ ବିନା ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ଆଣିବା ଲକ୍ଷ୍ୟ ପୂରଣ ହୋଇ ପାରିଲା ନାହିଁ। ତଦାରଖ ପ୍ରାଧିକରଣ ପକ୍ଷରୁ ଆହୁରି କୁହାଯାଇଥିଲା ଯେ, ଦୁର୍ଗମ ସ୍ଥାନରେ ଡାକ୍ତରମାନେ ରହିବାକୁ ଇଚ୍ଛୁକ ହେଉନାହାନ୍ତି। ତାହା ଗ୍ରାମାଞ୍ଚଳରେ ଡାକ୍ତର ଅଭାବର ଏକ ପ୍ରମୁଖ କାରଣ ଥିଲା। ତେଣୁ ବିଭାଗ ପକ୍ଷରୁ କ୍ଲଷ୍ଟର ହାଉସିଂ କନ୍‌ସେପ୍ଟ କରିବାକୁ ଓଏମ୍‌ବିଏଡିସି ବୈଠକରେ ପରାମର୍ଶ ଦିଆଯାଇଥିଲା। ଏଥିରେ ଡାକ୍ତରମାନେ ଏକ ପ୍ରମୁଖ ବ୍ଲକ ମୁଖ୍ୟାଳୟରେ ରହିବେ ଏବଂ ସେମାନଙ୍କୁ ଗ୍ରାମାଞ୍ଚଳର କାର୍ଯ୍ୟକ୍ଷେତ୍ରରେ ପହଞ୍ଚାଇବା ପାଇଁ ପରିବହନ ସୁବିଧା ଯୋଗାଇ ଦିଆଯିବ। ତଦାରଖ ପ୍ରାଧିକରଣ ଏହି ପ୍ରସ୍ତାବରେ ରାଜି ହୋଇଥିଲା। କିନ୍ତୁ ସିଏଜି ସମୀକ୍ଷା ସମୟରେ ସେପରି କୌଣସି ପ୍ରସ୍ତାବ ପ୍ରସ୍ତୁତ ହୋଇ ଓଏମ୍‌ବିଏଡିସିକୁ ଅନୁମୋଦନ ପାଇଁ ଦାଖଲ କରାଯାଇ ନ ଥିଲା। ଏବେ ବି ସେହି ସମସ୍ୟା ଜିଲାରେ ଦେଖାଦେଇଛି। ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସମାଧାନ ନ କରି ସୁକିନ୍ଦା ଓ ଦାନଗଦି ବ୍ଲକ ଅଞ୍ଚଳରେ ୧୩୦ କୋଟି ଟଙ୍କାର ୩୪ଟି ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷେ ୨୦୨୩-୨୪ ବର୍ଷରେ ଓଏମ୍‌ବିଏଡିସି ପାଣ୍ଠିରୁ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ୭ କୋଟି ୭୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ଫେବୃଆରୀ ସୁଦ୍ଧା ମାତ୍ର ୬୯ ଲକ୍ଷ ୫୪ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିରେ ପୁଣି ଅଣଖଣି ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟ ପ୍ରକଳ୍ପଗୁଡ଼ିକ ନିର୍ମାଣ କରିବାକୁ ଯୋଜନା ରହିଛି। ଫଳରେ ଏବେ ବି ଗ୍ରାମାଞ୍ଚଳବାସୀ ଡାକ୍ତରଙ୍କ ଅଭାବରୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହି ଆସୁଛନ୍ତି। ବେଆଇନ ଖଣି ଖନନ ହେତୁ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ତଥା କଲ୍ୟାଣ ଉପରେ ସିଧାସଳଖ ପ୍ରଭାବ ପଡିଥିଲେ ହେଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ସେମାନେ ବଞ୍ଚିତ ହୋଇ ଆସୁଛନ୍ତି ବୋଲି ମତପ୍ରକାଶ ପାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଷ୍ଣୁପ୍ରିୟା



@ ଲିଟୁ



@ ଶଶିକାନ୍ତ



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ବରୀ,୨୭।୩(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅଧୀନ ମଦାରି ପଞ୍ଚାୟତର ଅଣିକଣା ଛକ ନିକଟରେ ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଯାଜପୁର ଜିଲାସ୍ତରୀୟ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରତ୍ନଗିରି ନିକଟ କେଲୁଅକୂଳରୁ ଶତାଧିକ ଯୁବକ ଅତିଥିଙ୍କୁ ପାଛୋଟି ଆଣି ଏକ ଶୋଭାଯାତ୍ରାରେ ଅଲିଆବାଦ, ମେଦୁଆକୁଳ, ଅଜାଣ, ହାଟସାହି, ରାମପୁର, ଚନ୍ଦନପୁର, ରାମଚନ୍ଦ୍ରପୁର, ରଜାତୋଟା ଆଦି ଗ୍ରାମ ପରିକ୍ରମା କରାଇ ସଭାସ୍ଥଳରେ ପହଞ୍ଚିଥିଲେ। ବିଜୟ ସାହୁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁରେଶ ଭୋଳ, ସମ୍ମାନିତ ଅତିଥିଭାବେ ଉପସଭାପତି ପ୍ରଦ୍ୟୁମ୍ନ ଦାଶ, ରାଜ୍ୟ ଉପସଭାପତି ଅରବିନ୍ଦ ମିଶ୍ର, ରାଜୀବ ମିଶ୍ର, ରାଜ୍ୟ ସମ୍ପାଦକ ସନ୍ତୋଷ ବେହେରା, ସଂଗ୍ରାମ କେଶରୀ ଭୂୟାଁ, ବ୍ରହ୍ମ ପ୍ରସାଦ ମହାପାତ୍ର, ଦୀନବନ୍ଧୁ ବିଶ୍ୱାଳ ଓ ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରମୁଖ ଯୋଗଦେଇ ହିନ୍ଦୁତ୍ୱ ବିଚାର ଧାରା ଏବଂ ଗୋମାତାଙ୍କ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ସଭାସ୍ଥଳରେ ଉପସ୍ଥିତ ପୁରୁଷ ଓ ମହିଳାଙ୍କୁ ଭଗବତ ଗୀତା ସହିତ ହନୁମାନ ଚାଳିଶା ଏବଂ ପତାକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କିଶୋର ଧଳ, ପ୍ରକାଶ ଜେନା, ଅଜୟ ସାମଲ, ତୁଷାର ଶ୍ୟାନ୍ତି, ସୂର୍ଯ୍ୟ ମହାପାତ୍ର, ରାଜକିଶୋର ମହାନ୍ତି, ବିପିନ ରାଉତ, ସ୍ନେହାଶିଷ ପଣ୍ଡା, ପ୍ରଶାନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ।




ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ବଲେବଲେ ଢାବାହେଲା 'ଆମ ଭୋଜନାଳୟ ଧର୍ମଶାଳା'

କାଏମା,୨୭।୩(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳାର ବହୁଚର୍ଚ୍ଚିତ ବିବାଦୀୟ ବଲେବଲେ ଢାବାକୁ 'ଆମ ଭୋଜନାଳୟ ଧର୍ମଶାଳା' କରାଯାଇଛି। ଏଠାରେ ମଧ୍ୟାହ୍ନ ଭୋଜନ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ୩ଟା ପର୍ଯ୍ୟନ୍ତ ବିନାମୂଲ୍ୟରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ଏଭଳି ନିଆରା ପ୍ରୟାସ କରିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ। ଚଣ୍ଡିଖୋଲ ଛକଠାରୁ ମାତ୍ର କିଛି ଦୂରରେ ଥିବା ନେଉଳପୁରସ୍ଥିତ ଧର୍ମଶାଳା ଭବନରେ ଏହି କାର୍ଯ୍ୟକ୍ରମର ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ଭାଜାପ ମୁଖ୍ୟପାତ୍ର ମନୋଜ ମହାପାତ୍ର, ଭାଜପା ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ଭାଜପା ପୂର୍ବତନ ଜିଲା ସଭାପତି ଗୌତମ ରାୟ ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ।

କିଛି ଦିନ ପୂର୍ବରୁ ଏହି ଧର୍ମଶାଳା ଭବନ ନିକଟରେ ଥିବା ବଲେବଲେ ଢାବା ବିବାଦ ଘେରକୁ ଆସିଥିଲା। ଏଠାରେ ବଡ଼ବଡ଼ ଗାଡ଼ି ଲାଗୁଥିଲା ଓ ଅନୈତିକ କାର୍ଯ୍ୟ କରାଯାଉଥିଲା ବୋଲି ଅଭିଯୋଗ ହେଉଥିଲା। ତେଣୁ ଧର୍ମଶାଳା ଭଳି ପବିତ୍ର ମାଟିରେ ଏସବୁ କାର୍ଯ୍ୟକୁ ପ୍ରଶୟ ଦିଆଯିବ ନାହିଁ ଏବଂ ଧର୍ମଶାଳାର ଲୋକ ହୁଅନ୍ତୁ କିମ୍ବା ରାଜପଥରେ ଯାଉଥିବା ସାଧାରଣ ଲୋକେ ଏଠାରେ ଭୋଜନ ଗ୍ରହଣ କରିପାରିବେ ବୋଲି ବିଧାୟକ କହିଥିଲେ। ଶତାଧିକ ମହିଳା ଓ ପୁରୁଷ ପହଞ୍ଚି ଭୋଜନ କରିଥିଲେ। ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର, ଜାରକା ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଭାଜପା ଯୁବନେତା ରାଜେଶ ପାଳ, ଅଭିଷେକ ରାଉତ ଓ ପ୍ରଭାରୀ ଉପେନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଆମ ଭୋଜନାଳୟ ଧର୍ମଶାଳାରେ ଖାଦ୍ୟ ବଣ୍ଟନ କରାଯାଉଛି।

# ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

ଚଣ୍ଡିଖୋଲ/ବଡ଼ଚଣା,୨୭।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଚଣ୍ଡିଖୋଲ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭ୍ୟ ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶପଥ ପାଠ ଉତ୍ସବରେ ସଭାପତି ଚନ୍ଦନ ନାୟକ, ଉପସଭାପତି ତୀର୍ଥବାସୀ ନାୟକ, ସମ୍ପାଦକ ସନ୍ତୋଷ ରାଉତ, ସହସମ୍ପାଦକ ପ୍ରଶାନ୍ତ ଜେନା, କୋଷାଧ୍ୟକ୍ଷ ସଞ୍ଜୀବ ବଳ, ମୁଖପାତ୍ର ମନୋରଞ୍ଜନ ନାୟକ ପ୍ରମୁଖ ସଂଘର ପଦମର୍ଯ୍ୟାଦା, ଗୌରବ, ଏକତା, ଭାଇଚାରା, ରକ୍ଷା କରିବା ସହିତ ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କରିବା ପାଇଁ ଉଦ୍ୟମ କରିବେ ବୋଲି ଶପଥ ଗ୍ରହଣ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଶେଷଦେବ ନାୟକ, ବିନାୟକ ପଣ୍ଡା, ବିଭୁତି ଭୁଷଣ ଜେନା, ଚିତ୍ତରଞ୍ଜନ ମହାପାତ୍ର, ଅଟଳ ଜେନା, ନୃସିଂହ ଚରଣ ଓତା, ତ୍ରୈଲୋକ୍ୟ ନାୟକ, ସୀତାନାଥ ସାହୁ, ବିଧାୟକ ସାହୁ, ବିକାଶ ଜେନା, ଗୋପାଳ କୃଷ୍ଣ ଭାରତୀ, ଚିନ୍ମୟ ଜେନା ଓ ଶିବାଜି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନବ ନିର୍ମାଣ କୃଷକ ସଂଗଠନର ଶୋଭାଯାତ୍ରା

ଧର୍ମଶାଳା,୨୭।୩(ବଟକୃଷ୍ଣ ପରିଡ଼ା)

ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିରେ ଶୋଭାଯାତ୍ରା କରି ଭୁବନେଶ୍ୱର ଯାଉଥିବା ନବନିର୍ମାଣ କୃଷକ ସଂଗଠନର କମକର୍ତ୍ତା ଶୁକ୍ରବାର ଜାରକା ବଜାରରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଶତାଧିକ କୃଷକ ବ୍ୟାନର ଧରି ପ୍ରତିବାଦ କରିଥିଲେ। ରାଜ୍ୟ ସରକାର ଗୋଟିଏ ପଟରେ ଧାନରେ ୮୦୦ଟଙ୍କା ସବସିଡ ଦେଇ ମଣ୍ଡିରେ ୮ରୁ୧୦ କେଜି କଟ୍‌ନୀ ଛଟ୍‌ନୀ କରି କୃଷକଙ୍କୁ ଲୁଟୁଛନ୍ତି। ଆଗାମୀ ୩୧ ତାରିଖରେ ଭୁବନେଶ୍ୱରଠାରେ ଏକ ବିଶାଳ ଚାଷୀ ସମାବେଶ କରି କୃଷକ ସଂଗଠନ ରାଜ୍ୟ ସରକାରଙ୍କୁ ତାର ହକ୍ ମାଗିବ ବୋଲି ଅକ୍ଷୟ କୁମାର କହିଥିଲେ। ଏହି ପ୍ରତିବାଦ ରାଲିରେ କୃଷକ ନେତା ଶେଷଦେବ ନନ୍ଦ, ଯାଜପୁର ଜିଲା ସଂଯୋଜକ ଆଶୋକ ଶାନ୍ତି, ଧର୍ମଶାଳାର କୃଷକ ନେତା ବସନ୍ତ ପରିଡ଼ାଙ୍କ ସମେତ ବହୁ ଚାଷୀ ସାମିଲ ହେଇଥିଲେ।



ଜାରକା ବଜାରରେ ପ୍ରତିବାଦ କରୁଥିବା କର୍ମକର୍ତ୍ତା।

# ଦଶରଥପୁରରେ ଶ୍ରୀରାମ ନବମୀ

ଝୁମ୍ପୁରୀ,୨୭।୩(ସରୋଜ ନାୟକ)

ଦଶରଥପୁର ବ୍ଲକରେ ଶୁକ୍ରବାର ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକର ବିଭିନ୍ନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦଶରଥପୁର ବ୍ଲକ ଶାଖା ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ଝୁମ୍ପୁରୀ ବଜାରର ହନୁମାନ ଛକଠାରେ ରାମ ନବମୀ ପାଳନ କରାଯାଇଥିଲା। ଏଠାରେ ବିଗ୍ରହ ପ୍ରତିଷ୍ଠା ସହ କଳସ ଶୋଭାଯାତ୍ରା କରାଯାଇଥିଲା। ଅନୁ ଦାସ, ସୁଜିତ ନାୟକ, ଅକ୍ଷୟ ସାହୁ, ଉମାକାନ୍ତ ସାହୁ, ବିଷ୍ଣୁ ବେହେରା, ରାଜା ସାହୁ, ନିର୍ମଳ ନାୟକ, ଜିତେନ୍ଦ୍ର ସାହୁ ଓ ବିରଜା ପ୍ରସାଦ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୩ ଦିନ ଧରି ପୂଜାବିଧି ଅନୁଷ୍ଠିତ ହେବ। ଶେଷ ଦିନରେ ନଗର ପରିକ୍ରମା କରାଯିବ ବୋଲି ସୂଚନା ମିଳିଛି।

# ରଘୁନାଥଜୀଉ ମଠରେ ଶ୍ରୀରାମ ନବମୀ

ବ୍ୟାସନଗର,୨୭।୩(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୧୪ନଂ. ୱାର୍ଡ ଚୋରଦା ଗ୍ରାମରେ ଥିବା ରଘୁନାଥଜୀଉ ମଠରେ ଶୁକ୍ରବାର ରାମନବମୀ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ରାମ, ଲକ୍ଷ୍ମଣ ଓ ମା' ସୀତାଙ୍କ ବିଗ୍ରହକୁ ପଞ୍ଚାମୃତ ସ୍ନାନ କରାଯାଇ ବସ୍ତ୍ର, ଅଳଙ୍କାର ଓ ପୁଷ୍ପରେ ସଜା ଯାଇ ମଙ୍ଗଳ ଆଳତି କରାଯାଇଥିଲା। ପୂଜକ ପ୍ରଦୀପ ଉପାଧ୍ୟାୟ (ଟୁକୁ ନନା) ପୂଜା ହୋମ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଭାବେ ନିମାଇଁ ରାଉତ ସସ୍ତ୍ରିକ ଯଜ୍ଞ ଓ ପୂଜା କାର୍ଯ୍ୟରେ ଭଗନେଇଥିଲେ। ଗ୍ରାମର ଗୌର ଭକ୍ତଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ କରାଯଇଥିଲା। ଶଙ୍ଖ ହୁଳହୁଳି ଓ ମନ୍ତ୍ରଧ୍ୱନିରେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସଅଷ୍ଟି ହୋଇଥିଲା। ମଠମହନ୍ତ ସୀତାରାମ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ବ୍ୟାସନଗରରେ ବାସନ୍ତିକ ଦୁର୍ଗାପୂଜା

ବ୍ୟାସନଗର,୨୭।୩(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦ ୯ନଂ.ୱାର୍ଡ କନ୍ହେଇପୁର ଦୁର୍ଗା କଲୋନୀରେ ବାସନ୍ତିକ ଦୁର୍ଗାପୂଜା ଓ କୁମାରୀ କନ୍ୟା ପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାଳୀମେଲଣ ପଡ଼ିଆ ନିକଟ ମା'ଦୁର୍ଗା ମନ୍ଦିରରେ ବାସନ୍ତିକ ନବରାତ୍ର ଦୁର୍ଗାପୂଜା ୯ଦିନ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଉପବାସ ରଖି ମା'ଙ୍କୁ ଆରାଧନା କରିଥିଲେ। ଶେଷ ଦିବସରେ ୯ଜଣ କନ୍ୟାଙ୍କୁ ମା'ଦୁର୍ଗାଙ୍କ ବିଭିନ୍ନ ନାମରେ ପୂଜା କରାଯାଇଥିଲା। ପରେ ଯଜ୍ଞ ପୂର୍ଣ୍ଣାହୁତି କରାଯାଇ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ପୂଜା କମିଟି ଉପଦେଷ୍ଟା ବିବେକାନନ୍ଦ ମହାନ୍ତି, ସମ୍ପାଦକ ନିରାକାର ସାହୁ ଏବଂ କମିଟିର ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ସ୍ଥାନୀୟ କାଉନସିଲର ମଣିନ୍ଦ୍ର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାଜ୍ୟ ସରକାର ଲୋକଙ୍କ ସମସ୍ୟା ସହ ଜଡ଼ିତ

## ନୂତନ ଭତ୍ତା, ରାଶନ କାର୍ଡ, ପଟ୍ଟା ବାଣ୍ଟିଲେ ବିଧାୟକ

ଧର୍ମଶାଳା/କାଏମା,୨୭।୩ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀର ଧର୍ମଶାଳା ଓ ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ମଧୁବାବୁ ଭତ୍ତା, ରାଶନ କାର୍ଡ ଓ ଭୂମିହୀନଙ୍କୁ ଘରବାରି ପଟ୍ଟା ବଣ୍ଟନ କରାଯାଇଛି। ଶୁକ୍ରବାର ଧର୍ମଶାଳା ମହୋତ୍ସବ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଶାଳା ଏପିଓ ବିଷ୍ଣୁଦତ୍ତ ଧଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ଲୋକଙ୍କ ସମସ୍ୟା ସହିତ ଜଡ଼ିତ ଅଛନ୍ତି। ଗରିବ, ଖଟିଖିଆଙ୍କ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାପରେ ସେ ହିତାଧିକାରୀଙ୍କୁ ନୂଆ ରାଶନକାର୍ଡ, ଭତ୍ତା ଓ ଭୂମିହୀନଙ୍କୁ ଘରବାରି ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାଶ ଯୋଗ ଦେଇଥିଲେ।

ଧର୍ମଶାଳା ବିଏସ୍‌ଏସ୍‌ଓ ଜ୍ଞାନରଞ୍ଜନ ବେହେରା କହିଥିଲେ, ଧର୍ମଶାଳାରେ ମଧୁବାବୁ ପେନସନ୍ ଯୋଜନାରେ ୧୭୧ ବାର୍ଦ୍ଧକ୍ୟ, ୯୪ ବିଧବା, ୬୧ ଭିନ୍ନକ୍ଷମ ମୋଟ ୩୨୬ ଜଣଙ୍କୁ ଏକ ମାସ ଓ ୨ମାସର ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। ସେମାନଙ୍କୁ ୫ଲକ୍ଷ ୪୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ରସୁଲପୁର ବ୍ଲକର ୯ଟି ପଞ୍ଚାୟତର ୨୫ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଧର୍ମଶାଳାର ୪୭୫ ପରିବାରର ୧୦୧୩ ଜଣଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ରସୁଲପୁର ବ୍ଲକର ୯ଟି ପଞ୍ଚାୟତର ୬୧ ପରିବାରକୁ ରାଶନକାର୍ଡ ବଣ୍ଟନ କରାଯାଇଛି। ଧର୍ମଶାଳା ତହସିଲଦାର କହିଥିଲେ, ଧର୍ମଶାଳା ତହସିଲର ୨୨୯ ଭୂମିହୀନ ଓ ରସୁଲପୁର ବ୍ଲକର ୯ଟି ପଞ୍ଚାୟତର ୪୮ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ପିଇଓମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ ଚିହ୍ନଟ କରିଥିଲେ।



ବିଧାୟକ ହିମାଂଶୁ ଶେଖର ସାହୁ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

# ଔପଚାରିକତା ପାଇଁ ସଡ଼କ ସୁରକ୍ଷା ବୈଠକ

ଜଗତ୍‌ସିଂହପୁର, ୨୭।୩
(ପ୍ରମୋଦ କୁମାର ନାୟକ)


ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ସମିତି ସଭ୍ୟମାନେ।

- ରାସ୍ତାପାର୍ଶ୍ୱ ଶତାଧିକ ବିଦ୍ୟାଳୟର ଉପରାସ୍ତା ହେଉନାହିଁ
- ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ବଢ଼ୁଛି
- ରାସ୍ତାପାର୍ଶ୍ୱ ବୃକ୍ଷରେ ପେଣ୍ଟିଂ, ନୋ ପାର୍କିଂ ଜୋନ୍ ଆଦିରେ ସାଇନ୍‌ବୋର୍ଡ ଲାଗୁନାହିଁ
- ଦୋକାନୀ ଜବରଦଖଲ କଲେ କାର୍ଯ୍ୟାନୁଷ୍ଠାନ ହେଉନାହିଁ

ପ୍ରତିବର୍ଷ ଚିରାଚରିତ ଭାବେ ସଡ଼କ ସୁରକ୍ଷା ଉପରେ ବୈଠକ ପରେ ବୈଠକ ହେଉଛି। ଅନେକ ପ୍ରସଙ୍ଗ ଆଲୋଚନା ହେବା ସହ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହା କେବଳ ଔପଚାରିକତା ପାଇଁ ହେଉଥିବା ଅଭିଯୋଗ ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ନିକଟରେ ଜିଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସମିତି ସଭ୍ୟମାନଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ଅଙ୍କିତ ବର୍ମା, ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରିଣୀ ସୀମା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୫୫ ନଂ.ଜାତୀୟ ରାଜପଥ ମରାମତି ଅଭାବରୁ ସମସ୍ୟା ସୃଷ୍ଟି ହେଉଥିବା କୁହାଯିବା ସହ ଏହାର ମରାମତି, ଦୁର୍ଘଟଣା ସ୍ଥାନ ରାସ୍ତାରେ ଉପଯୁକ୍ତ ସଙ୍କେତ ଲଗାଇବା, ଗ୍ରାମୀଣ ରାସ୍ତାରୁ ମୁଖ୍ୟ ରାସ୍ତା ସଂଯୋଗସ୍ଥଳରେ ହମ୍ପସ ନିର୍ମାଣ ଓ ଅମାନିଆ ଗାଡ଼ିଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆଦି ଉପରେ ଜୋର୍ ଦିଆଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କ ପାଇଁ ପିଏମ୍. ରାହାତ ଯୋଜନାର ଦିଆଯାଉଥିବା ସୁବିଧା ଉପରେ ବିବରଣୀ ପାଠ କରିଥିଲେ। କିନ୍ତୁ ତାହା କେବଳ ପ୍ରେସ୍ ରିଲିଜ୍‌ରେ ସୀମିତ ହେଉଥିବା ଅନେକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା ହେଲା, ନିକଟରେ ଜନଗହଳିପୂର୍ଣ୍ଣ ଜଗତ୍‌ସିଂହପୁର ସହରରେ ଏକ କାର୍ ଦୁର୍ଘଟଣାରେ ଜଣେ ଯୁକ୍ତ ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ତା'ପୂର୍ବଦିନ ବାଲିକୁଦା ଥାନା ଅଞ୍ଚଳରେ ଦୁର୍ଘଟଣା ଯୋଗୁ ୨ ଜଣଙ୍କ ଜୀବନ ଯାଇଥିଲା। ଏଭଳି ଅନେକ ସମୟରେ ଦୁର୍ଘଟଣା ଯୋଗୁ ବହୁ ଜୀବନ ଯାଉଛି। ଅନ୍ୟପଟେ ଜଗତ୍‌ସିଂହପୁର ଜିଲାରେ ଶତାଧିକ ବିଦ୍ୟାଳୟ ଅଛି, ଯାହାର ମୁଖ୍ୟ ଫାଟକ ରାସ୍ତାପାର୍ଶ୍ୱରେ ରହିଛି। ସେଗୁଡ଼ିକରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସବୁବେଳେ ବିପଦ ରହୁଛି। ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେବା କଥା। ମୁଖ୍ୟ ଫାଟକ ଅନ୍ୟତ୍ର କରି ସୁବିଧାଜନକ ଉପରାସ୍ତା ବ୍ୟବସ୍ଥା କଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ। ଅତୀତରେ ସଦ୍‌ଭାବନା ସଭାଗୃହରେ ଜିଲା ସଡ଼କ ସୁରକ୍ଷା ବୈଠକରେ ଏହି ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ବ୍ଲାକ୍ ସ୍ପଟ୍ ଚିହ୍ନଟ ସହ ଏହାର ପ୍ରତିକାର, ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷରେ ପେଣ୍ଟିଂ, ନୋ ପାର୍କିଂ ଜୋନରେ ସାଇନ୍‌ବୋର୍ଡ ଲଗାଇବା, ଟ୍ରାଫିକ ପରିଚାଳନା, ପୌରାଞ୍ଚଳରେ ବୁଲା ପ୍ରାଣୀଙ୍କ ସମସ୍ୟା, ରକ୍ଷକ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଓ ପୋଲଗୁଡ଼ିକର ଭାଙ୍ଗି ଯାଇଥିବା ବାଡ଼ାଗୁଡ଼ିକର ମରାମତି ଆଦି କରାଯିବ ବୋଲି କୁହାଯାଇଥିଲା। ଦୁର୍ଗାପୂଜା ପୂର୍ବରୁ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ରାସ୍ତାଆଡ଼କୁ ମଡାଇ ବ୍ୟବସାୟ ପ୍ରତିଷ୍ଠାନ ଆଦି କରିଥିବା ଲୋକଙ୍କୁ ଜବରଦଖଲ ହଟାଇବା ପାଇଁ କୁହାଯାଇଥିଲା। ଯେଉଁମାନେ ଅମାନ୍ୟ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେତେବେଳେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗାଡ଼ି ଚଳାଇବା ସମୟରେ ମୋବାଇଲରେ କଥା ହେବା ଦୁର୍ଘଟଣାର ଏକ ପ୍ରମୁଖ କାରଣ। ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେବା କଥା। କିନ୍ତୁ ଏସବୁ କେବଳ ଉପରଠାଉରିଆ ହେଉଥିବା ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

କୁଜଙ୍ଗ, ୨୭।୩ (ମନୋଜ ପ୍ରଧାନ)

ପାରାଦୀପ ପିପି ଗେଟ୍ ଫାଟକ ସମ୍ମୁଖ ରଙ୍ଗିଆଗଡ ନିକଟରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡିଙ୍କିଆ ଗ୍ରାମର ବାବନ ସାମଲ। ସେ ଏକ ବାଇକ୍ ଯୋଗେ ପାରାଦୀପ ତୈଳ ବିଶୋଧନାଗାର ରାସ୍ତାରେ ଜିରୋ ପଏଣ୍ଟ ଅଭିମୁଖେ ଯାଉଥିଲେ। ରଙ୍ଗିଆଗଡ଼ ନିକଟରେ ଏକ ଅଜଣା ହାଇୱା ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ବାବନ କିଛି ଦୂର ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଅଭୟଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାବନଙ୍କୁ ଅଠରବାଙ୍କୀସ୍ଥିତ ବିଜୁ ସ୍ମାରକୀ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ବାବନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱାର ଏପର୍ଯ୍ୟନ୍ତ ସନ୍ଧାନ ମିଳି ନ ଥିବା ବେଳେ ପୋଲିସ ତନାଘନା ଚଳାଇଥିବା ଥାନା ଅଧିକାରୀ ସମୀର ରାଉତ କହିଛନ୍ତି।

# ରାମନବମୀ: ଜଗତ୍‌ସିଂହପୁର ଉତ୍ସବମୁଖର

ଜଗତ୍‌ସିଂହପୁର, ୨୭।୩
(ପ୍ରମୋଦ କୁମାର ନାୟକ)

ପବିତ୍ର ରାମ ନବମୀ ନେଇ ଶୁକ୍ରବାର ସାରା ଜିଲାରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ଦେବଦେବୀ ମନ୍ଦିର ବିଶେଷକରି ରାମ ମନ୍ଦିରଗୁଡ଼ିକରେ ରୀତିନୀତି ଅନୁଯାୟୀ ପୂଜାପାଠ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ଲୋକ ପ୍ରବଳ ଗ୍ରୀଷ୍ମସତ୍ତ୍ୱେ ଉପବାସ ରହିଥିଲେ। ସନ୍ଧ୍ୟାରେ ଜିଲାବ୍ୟାପୀ ଶୋଭାଯାତ୍ରା ଭାବାବେଗ ପରିବେଶ ସୃଷ୍ଟି କରିଥିଲା। ଜଗତ୍‌ସିଂହପୁର ମୁଖ୍ୟାଳୟରେ ଶହସ୍ରାଧିକ ରାମ ଭକ୍ତ ଜେସିବି, ଟ୍ରାକ୍ଟର, କାର୍ ଓ ବାଇକରେ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ନାମ, ସଂକୀର୍ତ୍ତନ ସାଙ୍ଗକୁ ଜୟ ଶ୍ରୀରାମ ଧ୍ୱନି ସାରା ଅଞ୍ଚଳକୁ ପ୍ରକମ୍ପିତ କରି ଦେଇଥିଲା।


ରାମନବମୀ ଉପଲକ୍ଷେ ଜଗତ୍‌ସିଂହପୁର ସହରରେ ବାହାରିଥିବା ଶୋଭାଯାତ୍ରା।

ଏରସମା, (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ପ୍ରସ୍ତାବିତ ରାମ ମନ୍ଦିର ନିର୍ମାଣ ସ୍ଥଳରୁ ଶୁକ୍ରବାର ଅପରାହ୍ନରେ ହିନ୍ଦୁ ସେନା ଓଡ଼ିଶା ଶାଖା ଆନୁକୂଲ୍ୟରେ ଏକ ବାଇକ ଶୋଭାଯାତ୍ରା ବାହାରି ବାଲିତୁଠ ନୂଆଗାଁସ୍ଥିତ ପ୍ରସିଦ୍ଧ ମହାବୀର ପୀଠକୁ ଯାଇଥିଲେ। ହିନ୍ଦୁସେନା ଏରସମା ବ୍ଲକ ଶାଖାର ସଭାପତି ପ୍ରୀତମ୍ ସ୍ୱାଇଁଙ୍କ ନେତୃତ୍ୱରେ ହିନ୍ଦୁ ସେନା ଓଡ଼ିଶା ଶାଖାର ରାଜ୍ୟ ସଭାପତି ଦେବାଶିଷ ରାଉତ, ସେବା ନିବୃତ୍ତ ସେନା ସଂଘ କର୍ମକର୍ତ୍ତା ପ୍ରଦୀପ କୁମାର ସ୍ୱାଇଁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖଣ୍ଡ କାର୍ଯ୍ୟବାହ କୃଷ୍ଣଚନ୍ଦ୍ର ଘଡ଼େଇ, ସୁରେନ୍ଦ୍ର ନାଥ ରାଉତ, ଜିଲା କୁଟୁମ୍ବ ପ୍ରବୋଧନ ସହସଂଯୋଜକ ଅମ୍ବିକା ପ୍ରସାଦ ମହାନ୍ତି ପ୍ରମୁଖ ଶତାଧିକ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ଗ୍ରାମର ମହିଳାମାନେ ହିନ୍ଦୁ ସେନାଙ୍କୁ ତିଳକ ଲାଗି କରି ହୁଳହୁଳି ଓ ଶଙ୍ଖ ଧ୍ୱନି ଦେଇ ସ୍ୱାଗତ କରିଥିଲେ। ରାମ ନବମୀ ଅବସରରେ ସମ୍ପୃକ୍ତ ସ୍ଥାନରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୬୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିସହ ଭଜନ, ସଂକୀର୍ତ୍ତନ ସହ ରାମ ଜନ୍ମୋତ୍ସବ ଆଡମ୍ବର ସହ ପାଳନ କରାଯାଇଥିଲା। ସିହା ଗ୍ରାମର ନରେନ୍ଦ୍ର କୁମାର ସ୍ୱାଇଁ, ଆଶିଷ କୁମାର ସ୍ୱାଇଁ, ନିବାରଣ ନାୟକ, ପ୍ରକାଶ ସ୍ୱାଇଁ,ରଞ୍ଜନ ଜେନା, ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟାଙ୍କ କର୍ମଚାରୀଙ୍କୁ ହତ୍ୟା ଧମକ: ଯୁବକ ଗିରଫ

ଏରସମା, ୨୭।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅଞ୍ଚଳର ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଶୁକ୍ରବାର ହତ୍ୟା ଧମକ ଦେଇ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଜିରାଇଲୋ ପଞ୍ଚାୟତସ୍ଥିତ ସରବା ଗ୍ରାମର ଶ୍ରୀକାନ୍ତ ଛାଟୋଇ (୩୬)। ଶ୍ରୀକାନ୍ତ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ମାରପିଟ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଉପରେ ଏରସମା ଥାନା ପୋଲିସ ମାମଲା (ନଂ .୧୧୨/୨୬) ରୁଜୁ କରି ଶ୍ରୀକାନ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରେମଜିତ୍ ଦାସ କହିଛନ୍ତି।

## ବୁଢ଼ୀକେନ୍ଦୁଳାଇ ପୀଠ: ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରାହାମା, ୨୭।୩ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପୋତାନଈ ପଞ୍ଚାୟତସ୍ଥିତ ଦାରଦିଆ ଗ୍ରାମରେ ୫ଦିନ ବ୍ୟାପି ଗ୍ରାମଦେବତୀ ମା' ବୁଢ଼ୀକେନ୍ଦୁଳାଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ହାଡୁଆ ନଦୀ ପଠାରୁ ଦାରଦିଆ ଗ୍ରାମର ମହିଳାଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମନ୍ଦିର କମିଟି ଉପଦେଷ୍ଟା ମଣ୍ଡଳୀ ପକ୍ଷରୁ ବରିଷ୍ଠ ସଦସ୍ୟ ନୃସିଂହ ଚୌଧୁରୀ, ଅରୁଣ କୁମାର ଦାସ, ପ୍ରଦୀପ କୁମାର ଦାସ, ପ୍ରବୀର କୁମାର ମହାନ୍ତି, ଚିତ୍ତ ରଞ୍ଜନ ବିଶ୍ୱାଳ, ନିତ୍ୟାନନ୍ଦ ପ୍ରଧାନ, ସନ୍ତୋଷ କୁମାର ଚୌଧୁରୀ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ହୋମ ଯଜ୍ଞ କରାଯାଇଥିଲା। ପଣ୍ଡିତ ଚନ୍ଦ୍ରଭାନୁ ଶତପଥୀ ଏବଂ ସାଥୀ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।


ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

## ଇଫ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର


ଶିବିରରେ ସାମିଲ କମ୍ପାନୀ ଅଧିକାରୀ, ଡାକ୍ତର ଓ ରୋଟାରୀ ଚକ୍ଷୁ କ୍ଲିନିକ କର୍ମଚାରୀ।

ପାରାଦୀପ, ୨୭।୩(ଶରତ ରାଉତ)

ପାରାଦୀପର ଇଫ୍‌କୋ କମ୍ପାନୀ ପକ୍ଷରୁ ଶୁକ୍ରବାର କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ଅନ୍ତର୍ଗତ କୁସୁନପୁର ଗ୍ରାମରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇ ଔଷଧ ପ୍ରଦାନ କରାଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ଡାକ୍ତରୀ ଟିମ୍ ସହ ରୋଟାରୀ ଚକ୍ଷୁ କ୍ଲିନିକ ଏଥିରେ ସାମିଲ ହୋଇଥିଲେ। ଏଥିରେ କମ୍ପାନୀ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଅଧ୍ୟାପକ କୁଳମଣି ମାଝୀ, ସରପଞ୍ଚ ସଞ୍ଜୁକ୍ତା ମହାପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ପିଆଇସିଟି କମ୍ପାନୀ ଆଗରେ ୧୬୩ ବିଏନ୍‌ଏସ୍ ଧାରା ଲାଗୁ

ପାରାଦୀପ, ୨୭।୩ (ଶରତ ରାଉତ)

ବନ୍ଦର ୫ ନଂ. ଗେଟ ପାଖରେ ଥିବା ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ(ପିଆଇସିଟି) କମ୍ପାନୀ ଆଗରେ ପ୍ରଶାସନ ପକ୍ଷରୁ ୧୬୩ ବିଏନ୍‌ଏସ୍ ଜାରି କରାଯାଇଛି। ଜଗତ୍‌ସିଂହପୁର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଅଦାଲତର ମିସ୍ କେଶ (ନଂ.୦୭/୨୦୨୬) ନିର୍ଦ୍ଦେଶ ଅନୁଯାୟୀ, ଗତ ମାର୍ଚ୍ଚ ୧୮ରୁ ମେ' ୧୮ ପର୍ଯ୍ୟନ୍ତ ପିଆଇସିଟି କମ୍ପାନୀ ଓ ଏହାର ଆଖପାଖ ଅଞ୍ଚଳ ସମେତ ହନୁମାନ ମନ୍ଦିରରୁ ସୁଭାଷ ବୋଷ ଛକ ପର୍ଯ୍ୟନ୍ତ ରାସ୍ତାରେ ଏହି ଧାରା ବଳବତ୍ତର କରାଯାଇଛି। ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ପକ୍ଷରୁ ୬ ଦଫା ଦାବିରେ ଏପ୍ରିଲ୍ ୩ରେ ଧାରଣା ଦିଆଯିବ ବୋଲି ଡାକରା ଦିଆଯାଇଛି। ଏନେଇ କେତେକ ଠିକାସଂସ୍ଥା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ।

# ପାରାଦୀପ ହେବ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ: ମନ୍ତ୍ରୀ ସମ୍ପଦ

ଜଗତ୍‌ସିଂହପୁର, ୨୭।୩
(ପ୍ରମୋଦ କୁମାର ନାୟକ)


ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବନ୍ଦର ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ନେହେରୁ ବଙ୍ଗଳା ଅଞ୍ଚଳ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ

ପାରାଦୀପ ବିଧାୟକ ତଥା ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ଥାନୀୟ ନେହେରୁ ବଙ୍ଗଳା ପରିଦର୍ଶନ କରିବା ସହ ଏହାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଡିଏଫ୍‌ଓ, ପାରାଦୀପ ବନ୍ଦରର ଅଧିକାରୀଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ନେହେରୁ ବଙ୍ଗଳାର ଐତିହାସିକ ଗୁରୁତ୍ୱକୁ ଅକ୍ଷୁଣ୍ଣ ରଖି ଏହାର ପରିସରରେ ଶିଶୁ ଉଦ୍ୟାନ ନିର୍ମାଣ, ପର୍ଯ୍ୟଟକଙ୍କ ପାଇଁ ବସିବା ବ୍ୟବସ୍ଥା, ଆମୋଦପ୍ରମୋଦ ସୁବିଧା ସହ ପାନୀୟ ଜଳ, ଶୌଚାଳୟ, ଆଧୁନିକ ଆଲୋକୀକରଣ ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସମ୍ପଦ କହିଛନ୍ତି ଯେ, ନେହେରୁ ବଙ୍ଗଳା ପାରାଦୀପ ବନ୍ଦର ଗୌରବମୟ ଇତିହାସର ଏକ ମୂକ ସାକ୍ଷୀ ଭାବେ ପରିଚିତ। ଏହାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ଖୁବଶୀଘ୍ର ଏହାର ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସମ୍ପଦ ପ୍ରକାଶ କରିଥିଲେ।

ସେ ଆହୁରି କହିଥିଲେ, ଭାଜପା ସରକାର ମାତ୍ର ଦୁଇ ବର୍ଷ ମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ, ଗ୍ରୀନ ଫିଲ୍ଡ, ଏୟାରପୋର୍ଟ ଘୋଷଣା କରିବା ସହ ପାରାଦୀପକୁ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ପ୍ରଦାନ କରିଛି। ଏଥିସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ପାରାଦୀପକୁ ବିଶ୍ୱସ୍ତରୀୟ ପେଟ୍ରୋକେମିକାଲ ହବ୍‌ରେ ପରିଣତ କରିବା, ବନ୍ଦରର ବିକାଶ, ରାଉରକେଲା-ସମ୍ବଲପୁର-ପାରାଦୀପ-ଧାମରାକୁ ସଂଯୋଗ କରୁଥିବା ଏକ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ ରିଜିଅନ ଗଠନ, ଜଟାଧାର ମୁହାଣରେ ଜେଟି ସ୍ଥାପନ, ତିର୍ତ୍ତୋଲରେ ବିଶ୍ୱସ୍ତରୀୟ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା, ପାରାଦୀପରେ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଏମୋନିଆ ଆଦି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଶିଳ୍ପ, କୃଷି, ଯୋଗାଯୋଗ କ୍ଷେତ୍ରରେ ଲୋକମାନଙ୍କ ନିମନ୍ତେ ବିଭିନ୍ନ ବିକାଶମୂଳକ କାମ ଚାଲୁରହିଛି। ଏହା ମାଧ୍ୟମରେ ଆଗାମୀ ଦିନରେ ବିକଶିତ ପାରାଦୀପ ଗଠନ ସମ୍ଭବ ହୋଇପାରିବ। ପାରାଦୀପ ନିର୍ବାଚନମଣ୍ଡଳୀରେ ଶିକ୍ଷା କ୍ଷେତ୍ରର ଭିତ୍ତିଭୂମିର ସୁଦୃଢ଼ୀକରଣ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ମେଡିକାଲ କଲେଜ ପ୍ରତିଷ୍ଠା, ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ସୁପର ସ୍ପେଶିଆଲିଟି ମେଡିକାଲ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଷ୍ଟାଡିୟମ ପ୍ରତିଷ୍ଠା ସହ ବନ୍ଦ ରହି ପଡିରହିଥିବା ଶାରଳା ସୂତାକଳରେ ନୂତନ ଟେକ୍ସଟାଇଲ ପାର୍କ, ବିଭିନ୍ନ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ମାଧ୍ୟମରେ ସ୍ଥାନୀୟ ଯୁବ ବର୍ଗଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଡିଏଫ୍‌ଓ, ପାରାଦୀପ ବନ୍ଦରର ଅଧିକାରୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଷ୍ଣୁପ୍ରିୟା


@ ଲିଟୁ


@ ଶଶିକାନ୍ତ


@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନାବାଳିକା ଅସଦାଚରଣକୁ ନେଇ ଉତ୍ତେଜନା

### ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ଜଗତ୍‌ସିଂହପୁର, ୨୭।୩
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା କ୍ରୀଷ୍ଣାନନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଗୁରୁବାର ରାତିରେ ଅସଦାଚରଣ ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ଘରେ ପହଞ୍ଚିଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ପ୍ରତିକ୍ରିୟାଶୀଳ ହୋଇ ପୋଲିସ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ଠେଲାପେଲା କରିବାକୁ ପଛାଇ ନ ଥିଲେ। ଏହାପରେ ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବା ସହ ମାମଲା (ନଂ. ୩୦/୨୬) ରୁଜୁ କରି ଅଭିଯୁକ୍ତ ତଥା କ୍ରୀଷ୍ଣାନନ୍ଦପୁରର ଅହମ୍ମଦ ହୁସେନଙ୍କୁ ଗିରଫ କରିଛି।

# ଜନ୍ମ ନାରାୟଣ ବେଶ ଦର୍ଶନକଲେ ଭକ୍ତ

■ନିଃସନ୍ତାନ ମହିଳାଙ୍କ ନାଭି ପ୍ରସାଦ ଗ୍ରହଣ

■ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଶ୍ରୀରାମ ନବମୀ ଯାତ୍ରା

ନୟାଗଡ,୨୭।୩(ଲୋକନାଥ ମିଶ୍ର)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଶୁକ୍ରବାର ଶ୍ରୀରାମନବମୀ ଯାତ୍ରା ଆରମ୍ଭ ହୋଇଛି । ରାମନବମୀ ଯାତ୍ରା ଉପଲକ୍ଷେ ଓଡଗାଁ ଉତ୍ସବମୁଖର ହୋଇ ଉଠିଥିଲା । ଏ ଅବସରରେ ଭୋର ୪ଟା ବେଳେ ଦ୍ୱାର ଫିଟା ହୋଇ ଭିତର ଶୋଧ ସହିତ ୫ଟାରେ ମଙ୍ଗଳ ଆଳତି କରାଯାଇ ଶ୍ରୀଜୀଉଙ୍କ ସ୍ନାନ ବେଶରେ ସଜ୍ଜିତ କରାଯାଇ ମଇଲମ ତଡପ ଲାଗି ପରେ ପାଟବସ୍ତ୍ର ପରିଧାନ ଲାଗି ଖଟଣୀ କରାଯାଇଥିଲା । ସକାଳ ୭ଟାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀ ଭଗବତ ଜୀଉଙ୍କର ପୂଜା ପରେ ଶ୍ରୀ ଜିଉଙ୍କୁ ରତ୍ନବେଦୀ ନିକଟରେ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ଜନ୍ମ ବିଧାନ ସ୍ୱତନ୍ତ୍ର ନୀତି ନିମନ୍ତେ ସକାଳ ୮ଟାରେ ଖେିରୁଡି ଧୂପନୀତି ସହ ୧୦ଟା ୩୦ରେ ଜନ୍ମ କର୍ମାଙ୍ଗ ପାଇଁ ଜଗମୋହନକୁ ପ୍ରସ୍ତୁତ କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ଶ୍ରୀ ରଘୁନାଥଜୀଉଙ୍କୁ ମଙ୍ଗଳାରୋପଣ କରାଯାଇ ବିଜେ ପ୍ରତିମାଙ୍କୁ ଆଜ୍ଞାମାଳ ଲାଗି ହେବା ପରେ ଜଗମୋହନକୁ ବିଜେ କରାଯାଇଥିଲା ।
ଅଟା, ଘିଅ, ଦହି, ମହୁ, ଗୁଡ଼, କ୍ଷୀର ମିଶ୍ରିତ ଜନ୍ମପାତ୍ରରେ ନାଭି ଚକ୍ରକ୍ଷେତ୍ର ବିଜେ ପ୍ରତିମାଙ୍କୁ ବିଜେ କରାଯାଇ ପାଟବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଇ ଗର୍ଭ ବନ୍ଦାପନା ସହିତ ଜନ୍ମ କର୍ମାଙ୍ଗ ଆରମ୍ଭ ହୋଇଥିଲା । ଅପରାହ୍ନ ୧ଟାରେ ଶ୍ରୀରାମଙ୍କ ଆବିର୍ଭାବ ସହିତ ନାଭି କଟାଯାଇ ପଞ୍ଚାମୃତ ସ୍ନାନ ପରେ ପାଟବସ୍ତ୍ର ପରିଧାନ କରାଇ ପୁରୋହିତ ପ୍ରଭୁଙ୍କୁ ସୂର୍ଯ୍ୟ ଦର୍ଶନ କରାଇଥିଲେ । ଜଗମୋହନ ବେଦିରେ ଜନ୍ମଭୋଗ ଓ ଆଳତି ଲାଗି ହୋଇ ପ୍ରଭୁ ରତ୍ନବେଦୀକୁ ବିଜେ ହୋଇ ବନାରସୀ ଖଟୁଲିରେ ପାଟପତନି ଉପରେ ଆସ୍ଥାନ କରିଥିଲେ। ଧୂପ ପରେ ପ୍ରଭୁଙ୍କ ଜନ୍ମ କର୍ମାଙ୍ଗ ଓ ରାମଲାଲାଙ୍କ ଜନ୍ମବିଧି ଦର୍ଶନ ନିମନ୍ତେ ଭକ୍ତଙ୍କ ସମାଗମ ହୋଇଥିଲା । ଏପରିକି ବହୁ ନିଃସନ୍ତାନ ମହିଳା ଶ୍ରୀରାମଲାଲାଙ୍କ ନାଭି ପ୍ରସାଦ ଗ୍ରହଣ ନିମନ୍ତେ ମାନସିକ ସହିତ ଉପବାସ କରିଥିଲେ । ଉପବାସଧାରୀ ନାଭି ପ୍ରସାଦ ସେବନ କରିଥିଲେ । କେତେଜଣ ଭକ୍ତଙ୍କ ସୂଚନା ଅନୁସାରେ ନାଭି ପ୍ରସାଦ ସେବନ ଦ୍ୱାରା ସନ୍ତାନ ପ୍ରାପ୍ତି ହେଉଥିବାରୁ ଉପବାସଧାରୀଙ୍କ ସଂଖ୍ୟା ବଢୁଥିବା କହିଥିଲେ। ଅପରାହ୍ନ ୨ଟା ୩୦ରେ ଅନ୍ନଧୂପ ସହିତ ୩ଟାରେ ଦିବା ପହୁଡ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୬ଟାରେ ଦ୍ୱାର ଫିଟା ହୋଇ ଆଳତି ସମୟରେ ପ୍ରଭୁଙ୍କ, ଚକ୍ର, ଗଦା ଓ ପଦ୍ମ ଧାରଣକରି ଜନ୍ମ ନାରାୟଣ ବେଶରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଦେଇଥିଲେ। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସହିତ ପୂଜକ, ସେବକ, ସୁଆର ପରିଷଦ କର୍ମକର୍ତ୍ତା, ମନ୍ଦିର ପରିଛା ହରିବନ୍ଧୁ ଷଡଙ୍ଗୀ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ । ସ୍ଥାନୀୟ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ସଦସ୍ୟମାନଙ୍କ ଦ୍ୱାରା ଶ୍ରଦ୍ଧାଳୁ, ଭକ୍ତଙ୍କୁ ଗ୍ରୀଷ୍ମ ତାପରୁ ମୁକ୍ତି ଦେବା ନିମନ୍ତେ ଶୀତଳ ପାଣି ସିଞ୍ଚନ କରାଯିବା ସହ ଦହି ଅବଢ଼ା ପାଣି ବିତରଣ କରାଯାଇଥିଲା । ସେହିପରି ବଜରଙ୍ଗୀ ଦଳ ପକ୍ଷରୁ ଭାତ ଡାଲମା ବଣ୍ଟନ କରାଯାଇଥିଲା । ସରସ୍ୱତୀ ସ୍କୁଲ ପକ୍ଷରୁ ଦହିପଣା ବଣ୍ଟନ କରାଯାଇଥିଲା ।


ଓଡ଼ଗାଁ ଶ୍ରୀରଘୁନାଥ ଜୀଉ ।

# କୁଞ୍ଜବିହାରୀପୁରରେ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ



ଖଣ୍ଡପଡା,୨୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୁଞ୍ଜବିହାରୀପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ରାମଚନ୍ଦ୍ର ଜୀଉଙ୍କ ଜନ୍ମ ବାର୍ଷିକ ଉତ୍ସବ ଶୁକ୍ରବାରଠାରୁ ୪ ଦିନ ବ୍ୟାପୀ ପାଳନ କରାଯାଉଛି । ସକାଳୁ ଶତାଧିକ ମହିଳା ପୁରୁଷ ଖଣ୍ଡପଡାକୁସୁମୀ ନଦୀରୁ ଜଳ ସଂଗ୍ରହ କରି ଏକ କଳାସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ବେଦୀ ନିକଟରେ ସ୍ଥାପନା କରିଥିଲେ । ପରେ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ମଧ୍ୟାହ୍ନରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସୁନାଖଳା ଅଞ୍ଚଳର ରାମ ନାଟକ ସୀତାଚୋରି ପ୍ରସଙ୍ଗ ପରିବେଷଣ କରାଯାଇଥିଲା । କୁଞ୍ଜବିହାରୀପୁର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ, ଜନସାଧାରଣ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସମାଗମ ହୋଇଥିଲେ ।

# ଐତିହାସିକ ଲଙ୍କାପୋଡ଼ି ଯାତ୍ରା ଆରମ୍ଭ


ଦଶପଲ୍ଲା ଟାଉନ ସ୍ଥିତ ରାମମନ୍ଦିରଠାରେ ପୂଜାର୍ଚ୍ଚନା ।

ଦଶପଲ୍ଲା,୨୭।୩(ପ୍ରକାଶ କୁମାର ପାଣି)

୧୮୦୨ ରୁ ଆରମ୍ଭ ହୋଇଥିବା ଭାରତ ପ୍ରସିଦ୍ଧ ଐତିହାସିକ ଦଶପଲ୍ଲା ଲଙ୍କା ପୋଡି ଯାତ୍ରା ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ମହାସମାରୋହରେ ଚାଲିଛି । ଶୁକ୍ରବାର ପବିତ୍ର ଶ୍ରୀରାମ ନବମୀଠାରୁ ଆରମ୍ଭ ହେଲା ପ୍ରସିଦ୍ଧ ଯାତ୍ରା ଉତ୍ସବ। ଆଦ୍ୟ ଦିବସରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ, ମହାବୀରକ୍ଷେତ୍ର ଦଶପଲ୍ଲାର ଆରାଧ୍ୟ ଦେବ ଶ୍ରୀରଘୁନାଥ ଓ ମହାବୀର କଂସ ମନ୍ଦିର ପରିସରରେ ପୂର୍ବାହ୍ନରେ ବୈଦିକ ପରମ୍ପରା କ୍ରମେ ପାଳିତ ହୋଇଯାଇଛି । ଶୁକ୍ରବାରରୁ ଓଡ଼ିଶାର ସର୍ବପ୍ରାଚୀନ ମୁକ୍ତାକାଶ ରଙ୍ଗମଞ୍ଚ ଅଭିନୟ ତଥା କଳା କାରିଗରୀ, ନୃତ୍ୟ ସଂଗୀତରେ ଏହିଲଙ୍କାପୋଡ଼ିଯାତ୍ରା ଅନୁଷ୍ଠିତ ହୋଇଥାଏ। ରୀତିନୀତି ଅନୁଯାଇ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ପ୍ରଭୁଙ୍କର ଚଳନ୍ତି ବିଗ୍ରହକୁ ଜନ୍ମ ମଣ୍ଡପକୁ ବିଜେ କରିବା ପରେ, ଜନ୍ମବିଧି ହୋମଯଜ୍ଞ ପରେ, ଶ୍ରୀରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ଜନ୍ମ ପରେ, ନାଭି ଛେଦନ, ଦୁଗ୍ଧ ପାନ ଓ ନାମକରଣ ନୀତି ଅନୁଷ୍ଠିତ ହୋଇଯାଇଛି । ରାତିରେ ମନ୍ଦିର ସମ୍ମୁଖସ୍ଥ ମୁଖ୍ୟମଞ୍ଚରେ ବିକ୍ରମ ନରେନ୍ଦ୍ର ଭଣିତ ରାମଲୀଳା ପୋଥି ଅନୁଯାୟୀ ଜନ୍ମ ଲୀଳାଭିନୟ ଅନୁଷ୍ଠିତ ହୋଇଥିଲା। କଳାକାରଙ୍କ ଦ୍ୱାରା ଶ୍ରୀରାମ ଜନ୍ମ ଉତ୍ସବ ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମ ନବମୀ ଅବସରରେ ମହାବୀର କ୍ଷେତ୍ର ଦଶପଲ୍ଲାର ଶତାଧିକ ଶ୍ରଦ୍ଧାଳୁ ଉପବାସ ରହିବା ସହ ଘରେ ଘରେ ପୂଜା ଉପାସନା, ପୂର୍ଣ୍ଣକୁମ୍ଭ ଆଦି ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା କରି ଶ୍ରୀରାମଙ୍କ ମର୍ତ୍ତ୍ୟାବତରଣକୁ ସ୍ୱାଗତ କରିବାସହ ପ୍ରଭୁକୃପା ଲାଭ କରିଛନ୍ତି । ଅପରାହ୍ନରେ ଦଶପଲ୍ଲାର ଅଗ୍ରଣୀ ସଂଗଠନ 'ରାମସେନା' ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଦଶପଲ୍ଲାର ଆରାଧ୍ୟ ଦେବ ମହାବୀରଙ୍କ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ସନ୍ଧ୍ୟାରେ ମନ୍ଦିରଠାରୁ ଠାକୁରଙ୍କର ନଗର ବିଜେ ପରିକ୍ରମା ଆୟୋଜନ ହୋଇଥିଲା। ସେହି ଦୁର୍ଗା ବଜାରସ୍ଥିତ ରାମ ମନ୍ଦିର, ସାତ ପାଟଣାସ୍ଥିତ ରାମ ମନ୍ଦିର ସମେତ ବିଭିନ୍ନ ରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରାମ ଜନ୍ମ ଉତ୍ସବମାନ ଅନୁଷ୍ଠିତ ହୋଇଥିଲା। ଦୁର୍ଗା ବଜାରଠାରେ ପବନପୁତ୍ର ସେବା ସମିତି ପକ୍ଷରୁ ଭକ୍ତଙ୍କ ନିମନ୍ତେ ଦହିପଣା ଏବଂ ତରଭୁଜ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

# ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା


ହିନ୍ଦୁ ଜାଗରଣ ମଞ୍ଚ ସଦସ୍ୟଙ୍କୁ ସ୍ୱାଗତ କରାଯାଉଛି ।

ନୂଆଗାଁ, ୨୭।୩ (ଧନେଶ୍ୱର ସାହୁ)

ନୟାଗଡ ଜିଲ୍ଲା ନୂଆଗାଁ ଖଣ୍ଡ ତରଫରୁ ଶୁକ୍ରବାର ଶ୍ରୀ ରାମ ନବମୀ ଉପଲେକ୍ଷେ ଏକ ବାଇକ୍ ଶୋଭାଯାତ୍ରାର ଆୟୋଜିତ ହୋଇଯାଇଛି। ପ୍ରଭୁ ଶ୍ରୀ ରାମଙ୍କର ଜନ୍ମ ଦିବସ ତଥା ଶ୍ରୀ ରାମନବମୀ ଉପଲକ୍ଷେ ନୂଆଗାଁ ହିନ୍ଦୁ ଜାଗରଣ ମଞ୍ଚ ଦ୍ୱାରା ସକାଳ ୮ ଟାରେ କୋରଡ଼ା ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏହା ପରେ ମଞ୍ଚ ସଦସ୍ୟମାନଙ୍କ ଦ୍ୱାରା ଏକ ବାଇକ୍ ଶୋଭାଯାତ୍ରା ହନୁମାନ ମନ୍ଦିରଠାରୁ ବାହାରି କୋରଡ଼ା ଗ୍ରାମ ମଧ୍ୟ ଦେଇ ୫୭ ନଂ ଜାତୀୟ ରାଜପଥରେ ମହୀପୁରଠାରୁ ଭିରୁଡ଼ା, ଖୁଣ୍ଟୁବନ୍ଧ, ଚାହାଳି ଓ ସୀତାରାମପୁର ରାସ୍ତାରେ ଆସି ଢେଙ୍କେଣା ରଘୁନାଥ ଜୀଉଙ୍କ ମଠରେ ପହଞ୍ଚି ବିଜୟ ମହାମନ୍ତ୍ର ଜପ କରାଯାଇଥିଲା । କାର୍ଯକ୍ରମରେ ନୟାଗଡ଼ର ଚନ୍ଦ୍ର ବିଜୟୀ ମିଶ୍ର ଯୋଗଦେଇ ରାମ ଓ ରାମଙ୍କ କଥାର ତତ୍ତ୍ୱକୁ ବୁଝାଇବା ସହ ସମସ୍ତେ ସନାତନି ହିନ୍ଦୁତ୍ୱକୁ ବୁଝିବାକୁ ଚେଷ୍ଟା କଲେ ଜୀବନ ସାର୍ଥକ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ହିନ୍ଦୁ ଜାଗରଣ ମଞ୍ଚ ସଦସ୍ୟ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ ।

# ହିନ୍ଦୁ ସେନାର ରାମନବମୀ ଶୋଭାଯାତ୍ରା

ନୟାଗଡ଼,୨୭।୩(ଲୋକନାଥ ମିଶ୍ର)

ହିନ୍ଦୁ ସେନା ନୟାଗଡ଼ ପକ୍ଷରୁ ରାମନବମୀ ଶୋଭାଯାତ୍ରା ଶୁକ୍ରବାର ନୟାଗଡ଼ ସହର ପରିକ୍ରମା କରିଛି । ରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା । ଶୋଭାଯାତ୍ରାରେ ଗେରୁଆ ପତାକା ଦେଖିବାକୁ ମିଳିଥିଲା । ପୁଣି ସହର ସାରା ଗେରୁଆ ପତାକା ଲାଗିଥିଲା । ରାମନବମୀ ଶୋଭାଯାତ୍ରାରେ ଅଧିକାଂଶ ବିଜେଡି କର୍ମୀ ଓ ସ୍ଥାନୀୟ ନେତାଙ୍କୁ ଦେଖିବାକୁ ମିଳିଥିଲା । ରାମନବମୀ ଶୋଭାଯାତ୍ରାକୁ ସିନ୍ଦୁରିଆ ଗ୍ରାମବାସୀଙ୍କ ତରଫରୁ ନୟାଗଡ଼ ଗୋଲେଇ ଟ୍ରାଫିକ ଛକଠାରେ ପାନୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଜୟ ନୟାଗଡ଼ ଫାଉଣ୍ଡେଶନ ପ୍ରତିଷ୍ଠାତା ଶେଖ ଅବଦୁଲ ଆହାଦ୍, ପୂର୍ବତନ ପ୍ରଧାନ ଶିକ୍ଷକ ମୁହିଉଦ୍ଦିନ ଔରଙ୍ଗଦେବ, ସାମାଜିକକର୍ମୀ ଶ୍ରୀଧର ପ୍ରଧାନ ଓ ପ୍ରବୋଧ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ନୟାଗଡ଼ ଭାଜପା ଜିଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କୁ ପଚାରିବାରୁ କହିଥିଲେ ହିନ୍ଦୁ ସେନା ଆମର ନୁହେଁ। ଆମେ ନୟାଗଡ଼ରେ ଭାଜପା ପକ୍ଷରୁ କୌଣସି କାର୍ଯ୍ୟକ୍ରମ କରି ନାହୁଁ ବୋଲି କହିଛନ୍ତି ।

## ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ସହର

# ଆକର୍ଷଣ ସାଜିଲା ୧୦ ଫୁଟର ରାମମୂର୍ତ୍ତି ମେଢ଼

## ରଣପୁରରେ ବିଶାଳ ଶୋଭାଯାତ୍ରା

ରଣପୁର, ୨୭।୩
(ସୁକାନ୍ତ କିଶୋର ଡାକୁଆ)

ଶ୍ରୀରାମ ନବମୀ ମହୋତ୍ସବ ଅବସରରେ ନୟାଗଡ଼ ଜିଲା ରଣପୁର ଏନ୍ଏସି ସହରରେ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଛି । ଏହା ସହ ରଣପୁର ସହର ଗେରୁଆ ପତାକାରେ ସୁସଜିତ ହୋଇଛି । ସହର ସାରା ଜୟଶ୍ରୀ ରାମ ନାରାରେ ପ୍ରକମ୍ପିତ ହୋଇଛି । ପଞ୍ଚୁଦୋଳ ପଡିଆରେ ଥିବା ରଘୁନାଥ ମନ୍ଦିର ସମ୍ମୁଖରେ ପ୍ରଭୁ ଶ୍ରୀରାମଙ୍କର ପୂଜାପାଠ କରାଯାଇଥିଲା । ସେଠାରେ ରାମ ଭକ୍ତଙ୍କ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ଦୀର୍ଘ ସମୟ ଧରି ପୂଜା ପାଠ ପରେ ଅପରାହ୍ନ ୫ ଟାରେ ବିଶାଳ ଶୋଭାଯାତ୍ରା ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା । ଏକ ବିଶାଳ ଶୋଭାଯାତ୍ରା ସହ ବାଜା, ବାଣ ରୋଶଣି ସହ ରଣପୁର ସହର ପରିକ୍ରମା କରିଥିଲା । ଏଥିରେ ଏକ ୧୦ ଫୁଟର ରାମମୂର୍ତ୍ତି ଓ ହନୁମାନଙ୍କ ମୂର୍ତ୍ତି ସାମିଲ ହୋଇଥିଲା । ଢୋଲ ,ଘଣ୍ଟ, ମାଦଳ, ଡିଜେ, ଢୋଲ ବାଜା ଓ ରାମ ଧ୍ୱନିରେ ରଣପୁରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏଥିରେ ମୁଖ୍ୟତଃ ପାରମ୍ପରିକ ଓଡିଶୀ, ଘୋଡ଼ା ନାଚ, ହାତୀ-ସିଂହ ଲଢ଼େଇ, ଅଘୋରୀ ନୃତ୍ୟ, ପାଇକ ନୃତ୍ୟ ସହ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇ ସହର ପରିକ୍ରମା ପରେ ସାଙ୍ଗକୁ ଡିଜେ ବାଜା ଓ ଆଲୋକ ସଜା ଆକର୍ଷିତ କରିଥିଲା । ଏହାକୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଏଠାରେ କିଛି ବର୍ଷ ହେବ ଏହାକୁ ଲୋକ ମହୋତ୍ସବ ଭାବେ ପାଳନ କରାଯାଉଛି। ଶ୍ରୀରାମ ନବମୀ ସମାରୋହରେ ନଗର ସଂକୀର୍ତ୍ତନ ସହ ବଡ ବଡ ମେଢ଼ ବହୁ ଆକର୍ଷଣ କରିଥିଲା। ଶୋଭାଯାତ୍ରା ସହର ପରିକ୍ରମା କରି ତଳମଣିନାଗ ପଡିଆଠାରେ ପହଞ୍ଚିବାକୁ ବିଳମ୍ବିତ ରାତି ହୋଇଯାଇଥିଲା। ସେଠାରେ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଥିଲା। ହଜାର ହଜାର ରାମ ଭକ୍ତଙ୍କ ମଧ୍ୟରେ ଏକ ପଦଯାତ୍ରା ସହିତ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଶ୍ରୀରାମ ନବମୀ କମିଟି ପକ୍ଷରୁ ଏହି ଶୋଭାଯାତ୍ରା କରାଯାଇଥିଲା ।


ମୁଖାଧାରୀମାନେ ଶୋଭଯାତ୍ରାରେ ଯାଉଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସରୋଜ


@ ଲିଟୁ


@ ଶଶିକାନ୍ତ


@ ବିଷ୍ଣୁପ୍ରିୟା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀରାମ ନବମୀ ଯାତ୍ରା ପାଇଁ ଉତ୍ସବମୁଖର ସହରାଞ୍ଚଳ, ଗ୍ରାମାଞ୍ଚଳ


ପୋଥି ପାଠ କରାଯାଉଛି ।

ଖଣ୍ଡପଡ଼ା,୨୭।୩(ଅଜୟ କୁମାର ମହାରଣା)

ଶ୍ରୀରାମନବମୀରେ ଖଣ୍ଡପଡା ସହର, ନିକଟସ୍ଥ କୁଞ୍ଜବିହାରୀପୁର, ମର୍ଦ୍ଦରାଜପୁରସ୍ଥିତ ମୁଣ୍ଡିଆ ହନୁମାନପୀଠରେ ବିରାଜମାନ ଶ୍ରୀରମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଏହାଛଡା କଣ୍ଟିଲୋ ଅଞ୍ଚଳ ବାପୁଜୀନଗରସ୍ଥିତ ରଘୁନାଥ ଜୀଉ ନାଟ୍ୟ ସମିତି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ କମିଟିର ସଦସ୍ୟ ଓ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ରଘୁନାଥଜୀଉଙ୍କୁ ପୂଜାର୍ଚ୍ଚନା ପରେ ରାମଲୀଳା ପୋଥି ଶୁଭ ଅନୁକୂଳ କରି ପଠନ କରିଥିଲେ । ପୂଜାରୀ କୁଳମଣି ଖୁଣ୍ଟିଆ ରଘୁନାଥ ଜୀଉଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ ପୂଜାର୍ଚ୍ଚନା କରିଥିଲେ । ପରେ ରାମଲୀଳା ଅନୁଷ୍ଠାନ ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ସାହୁ ପୋଥି ପଠନ କରିଥିବା ବେଳେ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ସଦସ୍ୟ ଲକ୍ଷ୍ମୀଧର ଚିନ୍ନରା, ଭିକାରୀ ଚରଣ ସାହୁ, ଗୁନୁ ସାହୁ, ଦୀପକ କୁମାର ସାହୁ, ତପନ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ ଓ ବାଇଧର ସାହୁ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ କଳାକାର ତଥା ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଖଣ୍ଡପଡା ସହରର ଓ କଣ୍ଟିଲୋସ୍ଥିତ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ଏଥି ନିମନ୍ତେ ଚଳଚଞ୍ଚଳ ହୋଇଉଠିଛି । କୁଞ୍ଜବିହାରୀପୁର, କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା, ମାଧବ ଚୌଧୁରୀ ପାଟଣା ଓ ବାପୁଜୀ ନଗର ରାମଲୀଳା ନାଟ୍ୟ ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ଶ୍ରୀରାମ ମନ୍ଦିରରେ ରାମନବମୀ ଯାତ୍ରା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଜଣାପଡିଛି । ଶ୍ରୀରାମ ନବମୀ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ନେଇ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ।

